ଆଜି - ମଙ୍ଗଳବାର
ତାରିଖ - ୨୩ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୯
ତିଥି - ନବମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ହସ୍ତା, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଯେଉଁଦିନ ଜୀବନର ଚଲାପଥରେ ଆମେ କୌଣସି ସମସ୍ୟାର ସମ୍ମୁଖୀନ ନହେଉ, ସେଦିନ ନିଶ୍ଚିତ ହୋଇଯିବା ଉଚିତ ଯେ ଆମେ ଭୁଲ୍ ବାଟରେ ଚାଲୁଛୁ ।"
- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 70 R.N.I. REGD. No. 44026/86 ବାଲେଶ୍ୱର ୨୩ ଜୁନ୍ ୨୦୨୬ ମଙ୍ଗଳବାର BALASORE 23 JUNE 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଗଣତନ୍ତ୍ର ସମ୍ମିଳନୀ ୨୦୨୬କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଣତନ୍ତ୍ର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ସମ୍ମିଳନୀର ଅଂଶଗ୍ରହଣକାରୀମାନଙ୍କୁ ଶୁଭେଚ୍ଛା ଜଣାଇ ପ୍ରଧାନମନ୍ତ୍ରୀ ଆୟୋଜକମାନଙ୍କୁ 'ମହାଶକ୍ତି ଭାରତ: ରାଷ୍ଟ୍ର ପ୍ରଥମ' ବିଷୟବସ୍ତୁ ଉପରେ ଏକ ଆଲୋଚନା ଆୟୋଜନ କରିବା ପାଇଁ ଅଭିନନ୍ଦନ ଜଣାଇଛନ୍ତି ଯେତେବେଳେ ବିଶ୍ୱ ଦ୍ରୁତ ଏବଂ ପରିଣାମସ୍ୱରୂପ ବିକାଶ ଦେଖୁଛି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ 'ପ୍ରଥମେ ରାଷ୍ଟ୍ର' ର ମନୋଭାବ ଗତ ଦଶନ୍ଧି ଧରି ଭାରତର ସଫଳତା ଏବଂ ଏକ ବିଶ୍ୱସ୍ତ ବିଶ୍ୱ ଶକ୍ତି ଭାବରେ ଉଭା ହେବା ପଛରେ ମାର୍ଗଦର୍ଶକ ନୀତି ହୋଇଛି । ଶ୍ରୀ ମୋଦୀ ଅବଲୋକନ କରିଥିଲେ ଯେ ଭାରତ ଏକ ଦୀର୍ଘ ଐତିହାସିକ ସ୍ମୃତି ଏବଂ ପ୍ରଗତି ଏବଂ ପ୍ରତିକୂଳତା ଉଭୟରୁ ଶିକ୍ଷା ନେବାର ଏକ ଅନନ୍ୟ କ୍ଷମତା ସହିତ ଏକ ସଭ୍ୟତା । ସେ ମନ୍ତବ୍ୟ ଦେଇଥିଲେ ଯେ ଆଜି ଗ୍ରହଣ କରାଯାଉଥିବା ନିଷ୍ପତି ଏବଂ କାର୍ଯ୍ୟଗୁଡ଼ିକ ଆଗାମୀ ଶତାବ୍ଦୀରେ ଦେଶର ଭବିଷ୍ୟତ ପାଇଁ ମୂଳଦୁଆ ସ୍ଥାପନ କରୁଛି । 'ଦେଶ କେବଳ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇନାହିଁ ବରଂ ଏକ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ମଧ୍ୟ ଉଭା ହୋଇଛି । ଭାରତର ଉଡାନ ବିଶ୍ୱାସ, ସ୍ଥିରତା ଏବଂ ବୃହତ ବିଶ୍ୱ



ମଙ୍ଗଳ ପ୍ରତି ପ୍ରତିବଦ୍ଧତା ଉପରେ ପ୍ରତିଷ୍ଠିତ', ସେ ଉଲ୍ଲେଖ କରିଥିଲେ । ଏ୭ ଶିଖର ସମ୍ମିଳନୀରେ ତାଙ୍କ ସମ୍ପ୍ରତି ଅଂଶଗ୍ରହଣକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଶ୍ୱର ନେତାମାନେ ରାଷ୍ଟ୍ର ପ୍ରଥମ ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ସ୍ୱୀକାର କରନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ମାର୍ଗଦର୍ଶକ ଦର୍ଶନ ଦେଶର ନୀତି, ପ୍ରାଥମିକତା ଏବଂ ଆକାଂକ୍ଷାକୁ ଆକାର ଦେଇ ଚାଲିଛି ଯେତେବେଳେ ଏହା ବିକାଶ ପଥରେ ଆଗକୁ ବଢୁଛି । ସରକାରଙ୍କ ୧୨ ବର୍ଷର କାର୍ଯ୍ୟକାଳ ଉପରେ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛ ଭାରତ, ମେକ୍ ଇନ୍ ଇଣ୍ଡିଆ, ଖାଦିର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଉତ୍ପାଦ ପାଇଁ ଅଭିଯାନ ଭଳି ପ୍ରମୁଖ ଜାତୀୟ ପଦକ୍ଷେପ ସଫଳ ହୋଇଛି କାରଣ ନାଗରିକମାନେ ଦେଶକୁ ପ୍ରାଥମିକତା ଦେବାର ମନୋଭାବକୁ ଗ୍ରହଣ କରିଥିଲେ । ଆଦିବାସୀ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳଗୁଡ଼ିକରେ ଏହି ପଦ୍ଧତିର ପରିବର୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ହିଂସା ଏବଂ ଅନୁନ୍ନତତା ଦ୍ୱାରା ଜର୍ଜରିତ ଅଂଚଳଗୁଡ଼ିକ ଅଭୂତପୂର୍ବ ପ୍ରଗତି ହାସଲ କରିଛନ୍ତି । ଗତ ଦଶନ୍ଧି ମଧ୍ୟରେ ପ୍ରଭାବିତ ଅଂଚଳଗୁଡ଼ିକରେ ୧୨,୦୦୦ କିଲୋମିଟରରୁ ଅଧିକ ରାସ୍ତା, ୯,୫୦୦ ରୁ ଅଧିକ ମୋବାଇଲ୍ ଟାୱାର, ବ୍ୟାଙ୍କିଂ ସୁବିଧା, ଡାକଘର ଏବଂ ଯୋଗାଯୋଗ ନେଟୱାର୍କ ପ୍ରତିଷ୍ଠିତ ହୋଇଛି' । ଶ୍ରୀ ମୋଦୀ ଲକ୍ଷ୍ୟ କରିଥିଲେ ଯେ ପୂର୍ବ ଦଶନ୍ଧିଗୁଡ଼ିକରେ ହଜାର ହଜାର ଲୋକଙ୍କ ଜୀବନ ନେଇଥିବା ମାଓ ହିଂସା ଏବେ ଶେଷ ପର୍ଯ୍ୟାୟରେ ପହଂଚିଛି । ଦୃଢ଼ ସୁରକ୍ଷା ପ୍ରୟାସ ଏବଂ ତ୍ୱରାନ୍ୱିତ ବିକାଶର ମିଶ୍ରଣ ଯୋଗୁଁ 'ବସ୍ତର ଅଲିମ୍ପିକ୍ସର ବର୍ଦ୍ଧିତ ସଫଳତା ଏହି ଅଂଚଳ ସହିତ ଜଡିତ ଭୟ ଏବଂ ଅନିଶ୍ଚିତତାକୁ ବଦଳାଇ ଯୁବପିଢ଼ିଙ୍କ ଆକାଂକ୍ଷା ଏବଂ ପ୍ରତିଭାର ପ୍ରମାଣ ସ୍ୱରୂପ', ସେ ସୂଚାଇଥିଲେ । ଏକ ମହତ୍ୱାକାଂକ୍ଷୀ ଭାରତର ଉଡାନ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଛନ୍ତି ଯେ ଦେଶ ନିରାଶାବାଦର ଯୁଗରୁ ଆତ୍ମବିଶ୍ୱାସ ଏବଂ ସୁଯୋଗର ଯୁଗକୁ ଗତି କରିଛି । ସେ ମନ୍ତବ୍ୟ ଦେଇଛନ୍ତି ଯେ 'ପରିବର୍ତନ ସମ୍ଭବ' ବୋଲି ବିଶ୍ୱାସ ଭାରତର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ ପାଲଟିଛି । 'ମହାକାଂକ୍ଷୀ ଜିଲ୍ଲା ଏବଂ ମହତାକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଦେଶର କିଛି ଅନୁନ୍ନତ ଅଂଚଳକୁ ଅଭିବୃଦ୍ଧିର ବାହକରେ ପରିଣତ କରିଛି ।

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧକ୍ଷତା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ 'ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୬' ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୈଠକରେ ଅଧକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ 'ଫୁଲ୍ ପ୍ରୁଫ୍' ବ୍ୟବସ୍ଥା ବିକଶିତ କରିଛି । ଏହି ଫୁଲ୍ ପ୍ରୁଫ୍ ବ୍ୟବସ୍ଥାକୁ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଚଳିତ ବର୍ଷ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି 'Whole of Government' ଆଭିମୁଖ୍ୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



କୃଷି ବିଭାଗକୁ ସ୍ୱତନ୍ତ୍ର 'Contingency Plan' ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଂ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି । ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ 'ନାନୋ ୟୁରିଆ' ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ବିଶେଷ କରି ସାରର କଳାବଜାରୀ ରୋକିବା ପାଇଁ ପ୍ରତ୍ୟେକ ପଂଚାୟତରେ 'ନିରକ୍ଷଣ ସମିତି' ଗଠନ କରାଯାଇଛି । ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଦକ୍ଷ ବିପର୍ଯ୍ୟୟ ପରିଚାଳନା ଉପରେ ଆଲୋକପାତ କରିଛନ୍ତି । ଓଡ଼ିଶାର ଏହି ସଫଳ 'ଜିରୋ କାଜୁଆଲ୍ଟି' (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି । ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ଶ୍ରୀ ମାଝୀ ସୂଚନା ଦେଇଛନ୍ତି । ଗତ ଅକ୍ଟୋବର ମାସରେ ଓଡ଼ିଶା ଉପକୂଳ ଅତିକ୍ରମ କରିଥିବା ସାମୁଦ୍ରିକ ବାତ୍ୟା 'ମୋନ୍ଥା' ଏବଂ ପୂର୍ବର 'ଦାନା' ବାତ୍ୟା ସମୟରେ ରାଜ୍ୟର ଦକ୍ଷ ପରିଚାଳନା ଦେଖିବାକୁ ମିଳିଥିଲା । 'ମୋନ୍ଥା' ଦ୍ୱାରା ରାଜ୍ୟର ୧୧ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ସରକାରଙ୍କ ସମୟୋଚିତ ପଦକ୍ଷେପ ଯୋଗୁଁ ସମ୍ବେଦନଶୀଳ ଅଂଚଳରୁ ପ୍ରାୟ ୩୮ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଯୁଦ୍ଧକାଳୀନ ଉଦ୍ଧାର କାର୍ଯ୍ୟରେ ୩୩ଟି ଓଡ୍ରାଫ୍, ୫ଟି ଏନଡିଆରଏଫ୍ ଏବଂ ୧୨୩ଟି ଅଗ୍ନିଶମ ବାହିନୀ ନିୟୋଜିତ ହୋଇ ରେକର୍ଡ ସମୟ ମଧ୍ୟରେ ସ୍ଥିତି ସ୍ୱାଭାବିକ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଚାଷୀ ଭାଇମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମ ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଚାଷୀମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସରକାର 'ଅଦିନିଆ ବର୍ଷା'କୁ ଏକ 'ରାଜ୍ୟ-ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ' ଭାବେ ଘୋଷଣା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ଅଳ୍ପରେ ଖବର

- କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ଥାନା ଅଧୀନ ବାଦଲିପାହାଡ଼ ଜଙ୍ଗଲ ଅଂଚଳରେ ଏକ ମାଓବାଦୀ ଡମ୍ପ ଠାବ କରିବାରେ କୋରାପୁଟ ପୋଲିସ ସଫଳ ହୋଇଛି ।
- ଗଞ୍ଜାମ ଜିଲ୍ଲା ଗଞ୍ଜାମ ତହସିଲର ଅନୀଲ ମହାପାତ୍ର (ପିତା - ବାଲାଜୀ ମହାପାତ୍ର) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।
- ନିଟ୍ ପାଇଁ ଆରଆଇ ଅମିନ ପରୀକ୍ଷାକୁ ଘୁଂଚାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓଏସଏସଏସସି ଆରଆଇ, ଅମିନ ପରୀକ୍ଷା କରେ ।
- ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସୋମବାର ଦିନ ତାଙ୍କର ଚାରି ଦିନିଆ ବିଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ମଙ୍ଗୋଲିଆରେ ପହଁଛନ୍ତି, ଯେଉଁଠାରେ ତାଙ୍କୁ ମଙ୍ଗୋଲିଆର ବୈଦେଶିକ ସଚିବ ମୁନ୍‌ଖୁଶିଗ ଇଲଖାନାଜାଭ ସ୍ୱାଗତ କରିଛନ୍ତି ।

## ଆଜି ନାଫେଡର ନିଲାମ ପୋର୍ଟାଲ୍ ଲଂଚ କରିବେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଦିନ ଅଟଳ ଅକ୍ଷୟ ଉର୍ଜା ଭବନରେ ଭାରତୀୟ ଜାତୀୟ କୃଷି ସମବାୟ ମାର୍କେଟିଂ ଫେଡେରେସନ୍ ନିଲାମ ପୋର୍ଟାଲ୍ ଲଂଚ କରିବେ । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ନେଫେଡ୍ ଅଧକ୍ଷ ଜେଠାଭାଇ ଅହିର, ପରିଚାଳନା ନିର୍ଦ୍ଦେଶକ ଦୀପକ ଅଗ୍ରୱାଲ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ । ସମବାୟ ମନ୍ତ୍ରଣାଳୟ ଅନୁଯାୟୀ, ଶାହ ଏହି କାର୍ଯ୍ୟକ୍ରମ ସମୟରେ ଚାଷୀ ଏବଂ ସମବାୟ କ୍ଷେତ୍ରକୁ ସଶକ୍ତ କରିବା ପାଇଁ ଅନେକ ଡିଜିଟାଲ୍ ଏବଂ କଲ୍ୟାଣକାରୀ



ପଦକ୍ଷେପ ମଧ୍ୟ ଆରମ୍ଭ କରିବେ । ଏଥିରେ କୃଷକଙ୍କ ପିଲାମାନଙ୍କ ପାଇଁ ନେଫେଡ-କଲ୍ୟାଣ ଛାତ୍ରବୃତି, ଡାଲି ଏବଂ ତୈଳବୀଜ ଷ୍ଟକ୍ ପରିଚାଳନା ପାଇଁ ଦୃଷ୍ଟି ପୋର୍ଟାଲ୍, ଉଦ୍ୟୋଗ ସମ୍ବଳ ଯୋଜନାକୁ ସୁଦୃଢ଼ କରିବା ପାଇଁ ରଜତ ପୋର୍ଟାଲ୍ ଏବଂ ନିଲାମ ପୋର୍ଟାଲ୍, ନେଫେକ୍ସ ଡଟ୍ ଇନ୍ ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମରେ ନେଫେକ୍ସ ଡଟ ଇନ୍ ପୋର୍ଟାଲରେ ଲାଇଭ୍ ପଞ୍ଜୀକରଣ ଏବଂ ନିଲାମ ପ୍ରକ୍ରିୟାର ଶୁଭାରମ୍ଭ ପ୍ରଦର୍ଶନ କରାଯିବ । ନେଫେଡ୍ ଅନୁଯାୟୀ, ଏହି ପୋର୍ଟାଲ୍ କୃଷି ଉତ୍ପାଦ ପାଇଁ ନିଲାମ ପ୍ରକ୍ରିୟାରେ ସ୍ୱଚ୍ଛତା, ଦକ୍ଷତା ଏବଂ ସହଜ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ନିଲାମ-ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଡିଜିଟାଇଜ୍ କରିବ ଏବଂ ଚାଷୀ, ସଦସ୍ୟ ସଂଗଠନ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ ଏକ ଏକୀକୃତ ପ୍ଲାଟଫର୍ମ ପ୍ରଦାନ କରିବ ।

## ମଙ୍ଗୋଲିଆ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଲେ ଡ. ଏସ୍ ଜୟଶଙ୍କର

ନୂଆଦିଲ୍ଲୀ : ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କ ଚାରି ଦିନିଆ ବିଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ସୋମବାର ମଙ୍ଗୋଲିଆରେ ପହଂଚି ରାଜଧାନୀ ଉଲାନବାଟରରେ ତାଙ୍କ ପ୍ରତିପକ୍ଷ ବୈଦେଶିକ ମନ୍ତ୍ରୀ ବତ୍ସେତ୍ସେଗ୍ ବମୁନ୍‌ଖଙ୍କୁ ଭେଟିଛନ୍ତି । ଦୁଇ ନେତା ବିକାଶ ପ୍ରକଳ୍ପ, କ୍ଷମତା ନିର୍ମାଣ, ସଂସ୍କୃତି, ଶିକ୍ଷା, ସୁରକ୍ଷା ଇତ୍ୟାଦି ସମେତ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଯୋଗର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ । ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ସେ ବୈଦେଶିକ ମନ୍ତ୍ରୀ ବତ୍ସେତ୍ସେଗ୍ ବମୁନୁଖଙ୍କୁ ଭେଟି ଖୁସି ହୋଇଛନ୍ତି । ଏହି ଆଲୋଚନାରେ ଭାରତ-ମଙ୍ଗୋଲିଆ ରଣନୈତିକ ଭାଗିଦାରୀର ଉଷ୍ମତା, ଶକ୍ତି ଏବଂ ସାମର୍ଥ୍ୟ ପ୍ରତିଫଳିତ ହୋଇଥିଲା । ଦୁଇ ନେତା ବିକାଶ ପ୍ରକଳ୍ପ, କ୍ଷମତା ନିର୍ମାଣ, ସଂସ୍କୃତି, ଶିକ୍ଷା, ସୁରକ୍ଷା



ଏବଂ ବହୁପକ୍ଷୀୟ ମଂଚରେ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ । ସେମାନେ ଖଣି ଖନନ, ସ୍ୱଚ୍ଛ ଶକ୍ତି ଏବଂ କୃଷି ପ୍ରକ୍ରିୟାକରଣ କ୍ଷେତ୍ରରେ ସୁଯୋଗ ଉପରେ ମଧ୍ୟ ଆଲୋଚନା କରିଥିଲେ । ଜୟଶଙ୍କର କହିଛନ୍ତି ଯେ ଭାରତ ମଙ୍ଗୋଲିଆର ତୃତୀୟ ପଡ଼ୋଶୀ ଏବଂ ଆଧାତ୍ମିକ ଅଂଶୀଦାର ଏବଂ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ଆଗକୁ ନେବାକୁ ପ୍ରସ୍ତୁତ ।

## ରାଜ୍ୟରେ ପ୍ରବେଶ କଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

ଭୁବନେଶ୍ୱର: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଜି ଓଡ଼ିଶାର ଆହୁରି କିଛି ଅଂଚଳକୁ ପ୍ରବେଶ କରିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଉତର ସୀମା ଏବେ ବଲାଙ୍ଗୀର ଏବଂ ବରଗଡ଼ର ଅଳ୍ପ ଅଂଶ, ନବରଙ୍ଗପୁର ଏବଂ ଝାରସୁଗୁଡ଼ାର କିଛି ଅଂଶ, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ର ଅଧିକାଂଶ ଅଂଶ ଦେଇ ଅତିକ୍ରମ କରିଛି । ଆଗାମୀ ୪୮ ଘଂଟା ମଧ୍ୟରେ ଓଡ଼ିଶାର ଅବଶିଷ୍ଟ ଅଂଶକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆହୁରି ଅଗ୍ରସର ହେବା ପାଇଁ ପରିସ୍ଥିତି ଅନୁକୂଳ ଅଛି । ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ବରଗଡ, କନ୍ଧମାଳ, ରାୟଗଡା ଏବଂ କୋରାପୁଟ ଜିଲ୍ଲାର ଏକ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହିତ ବଜ୍ରପାତ ଏବଂ ଘୂର୍ଣ୍ଣିବଳୟ ସହିତ ପବନ (୪୦-୫୦ କିଲୋମିଟର) ହୋଇପାରେ । ଯାଜପୁର, କଟକ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ନୂଆପଡା,



ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡରେ ମଧ୍ୟ ବଜ୍ରପାତ ଏବଂ ଘୂର୍ଣ୍ଣିବଳୟ ପବନ (୩୦-୪୦ କିଲୋମିଟର) ସହିତ ବର୍ଷା ହେବାର ସମ୍ଭାବନା ରହିଛି । ଜୁନ୍ ୨୩ରେ ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡରେ ମଧ୍ୟ ଝଡ଼ ବର୍ଷା ହୋଇପାରେ । ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ସୋନପୁର, ନୂଆପଡା, ବଲାଙ୍ଗୀର ଏବଂ କଳାହାଣ୍ଡିରେ ମଧ୍ୟ ୩୦-୪୦ କିଲୋମିଟର ପବନର ବେଗ ସହିତ ଝଡ଼ବର୍ଷା ହୋଇପାରେ । ଜୁନ୍ ୨୪-୨୫ରେ କୋରାପୁଟ ଏବଂ ମାଲକାନଗିରି ପ୍ରବଳ ବର୍ଷା ଜାରି ରହିପାରେ । ବଜ୍ରପାତ ଏବଂ ଘୂର୍ଣ୍ଣିବଳୟ ସହିତ ପବନ (୩୦-୪୦କିଲୋମିଟର) ସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ରାୟରଙ୍ଗପୁରରେ ଝଡ଼ ବର୍ଷା ହୋଇପାରେ ।

## ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ

### ୯୯.୮୬% ଭୋଟରଙ୍କ ନିକଟରେ ପହଂଚିଲା ପରିଗଣନା ଫର୍ମ

ଭୁବନେଶ୍ୱର : ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବର୍ତମାନ ଶେଷ ପର୍ଯ୍ୟାୟରେ ପହଂଚିଛି । ଏହି ବୃହତ୍ ଅଭିଯାନ ସମାପ୍ତ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଥିବାବେଳେ, ଆସନ୍ତା ୨୮ ଜୁନ ଏହାର ଶେଷ ତାରିଖ । ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଆଜି ସୁଦ୍ଧା ରାଜ୍ୟର ୯୯.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଂଚାଇ ଦିଆଯାଇଛି । ସଂଖ୍ୟା ଦୃଷ୍ଟିରୁ ଏହା ୩ କୋଟି ୩୩ ଲକ୍ଷ ୫୧ହଜାର ୯୬୭ ଜଣ ଭୋଟରଙ୍କୁ ଫର୍ମ ବଂଟନ କରାଯାଇଛି । ଶତପ୍ରତିଶତ ବଂଟନ ଲକ୍ଷ୍ୟ ହାସଲ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅବଶିଷ୍ଟ ଭୋଟରଙ୍କ ସହ



ନିରନ୍ତର ସମ୍ପର୍କ ରକ୍ଷା କରି ଫର୍ମ ବଂଟନ କାର୍ଯ୍ୟ ଜାରି ରଖିଛନ୍ତି । ଏହି ସଂଶୋଧନ ପ୍ରକ୍ରିୟାରେ ଡାଟାର ସଠିକତା, ସ୍ୱଚ୍ଛତା ଏବଂ ଦ୍ରୁତ ପ୍ରକ୍ରିୟାକରଣ ପାଇଁ ଡିଜିଟାଇଜେସନକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । ଆଜି ସୁଦ୍ଧା ୮୬.୧୨ ପ୍ରତିଶତ ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି । ଅର୍ଥାତ୍ ୨ କୋଟି ୮୭ଲକ୍ଷ ୬୩ହଜାର ୪୧୭ ଜଣ ଭୋଟରଙ୍କ ସୂଚନା ସଫଳତାର ସହ ଡିଜିଟାଇଜ କରାଯାଇଛି । ଅବଶିଷ୍ଟ ଫର୍ମଗୁଡ଼ିକର ଡିଜିଟାଲ୍ ଏଂଟ୍ରି କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି । ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ରାଜ୍ୟ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ମତଦାତା ସୂଚୀ ପ୍ରସ୍ତୁତ କରାଯିବ । ଅବଶିଷ୍ଟ ୬ ଦିନ ମଧ୍ୟରେ ଶତପ୍ରତିଶତ ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସମସ୍ତ ଭୋଟରଙ୍କୁ ଅନୁରୋଧ କରିଛନ୍ତି ଯେ, ଯଦି ଏପର୍ଯ୍ୟନ୍ତ ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ତେବେ ଜୁନ୍ ୨୮ ପୂର୍ବରୁ ନିଜ ବୁଥ୍ ସ୍ତରୀୟ ଅଧିକାରୀ ଙ୍କୁ ଫର୍ମ ପ୍ରଦାନ କରନ୍ତୁ କିମ୍ବା ଇଉଓଘରଞ୍ଜ ମାଧ୍ୟମରେ ଅନଲାଇନରେ ଦାଖଲ କରନ୍ତୁ, ଯାହାଦ୍ୱାରା ରାଜ୍ୟର ମତଦାତା ସୂଚୀକୁ ଅଧିକ ସଠିକ୍ ଓ ତ୍ରୁଟିମୁକ୍ତ କରାଯାଇପାରିବ ।



# ବାଲେଶ୍ୱର କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି । ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ଗତ ବୈଠକର ବିବରଣୀ ପାଠ କରିଥିଲେ । ସଭାପତି ଡ. ପଣ୍ଡା ଗତ ମାସ ତା୨୦-୦୫-୨୦୨୬ ରିଖରେ ଔପଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଗଣସଚେତନତା ସଭା ବହୁ ସଭ୍ୟ / ସଭ୍ୟାଙ୍କ ଉପସ୍ଥିତିରେ ହୋଇଥିଲା । ପ□ାୟତ ସମିତି ବୈଠକରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ମାନ୍ୟବର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ତଥା ବୈଠକରେ ଉପସ୍ଥିତ ଥିବା ଉପାଧ୍ୟକ୍ଷ ଓ ଅଧ୍ୟକ୍ଷଙ୍କ ସମେତ ସମସ୍ତ ସମିତି ସଭ୍ୟ ଗହଣରେ ବି.ଡି.ଓ.ଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବାଲେଶ୍ୱରର ଏହି ନ୍ୟାଯ୍ୟ ଦାବିର ଏକ ସ୍ମାରକପତ୍ର ଦିଆଯାଇଥିଲା ବୋଲି ପ୍ରକାଶ କଲେ । ଇତିମଧ୍ୟରେ ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ସହିତ ସଭାପତି ଡ. ପଣ୍ଡା ସାକ୍ଷାତ କରି ଜିଲ୍ଲାର ସମସ୍ତ ସମିତି ଓ ପ□ାୟତର ବୈଠକମାନଙ୍କରେ କୃଷି ବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ବ୍ୟବସ୍ଥା କରିବା ନିମି□ ଅନୁରୋଧ କରିଥିଲେ । ସେ ମଧ୍ୟ ଏଥିପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରବ□ୀ କାର୍ଯ୍ୟକ୍ରମ ଭାବେ ବାହାନଗା ବ୍ଲକ୍‌ରେ ଗଣଧାରଣା କରାଇବା, ଜିଲ୍ଲା ଯୋଜନାବୋର୍ଡ଼ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ଓ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଜୋନାଲ୍ ବୈଠକମାନ ଏବଂ ସାଙ୍ଗଠନିକ ବୈଠକ କରିବା ନିମି□ ସ୍ଥିର କରାଗଲା ଏବଂ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ସାକ୍ଷାତ ଆଲୋଚନା କରି ଆଗାମୀ ବିଧାନସଭା ଅଧିବେଶନରେ ଆମର ଦାବି ଉଠାଇବାକୁ ଅନୁରୋଧ କରିବା ପ୍ରସ୍ତାବ ନିଆହେଲା ।

ବରିଷ୍ଠ ସଭ୍ୟ ଡ. କ୍ଷିତୀଶ୍ୱର ଦାଶ, ମାୟାଧର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଅନ୍ୟତମ ଉପସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇ, ଡ. କାଳୀପଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟବିଜ୍ଞାନ କଲେଜ୍ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ପୁନଃ ସାକ୍ଷାତ ଆଲୋଚନା ଇତ୍ୟାଦି କୃଷିବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ବୈଠକରେ ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ତ୍ରିପାଠୀ, ମାୟାଧର ବିଶ୍ୱାଳ, ରବି କୁମାର ପାଣିଗ୍ରାହୀ, ଡା. ତାରାକାନ୍ତ ନନ୍ଦ, ସୀତାରାମ ପ୍ରଧାନ ଓ ପୁରୁଷୋ□ମ ବେହେରା ପ୍ରଭୃତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଉପସଭାପତି ହରନାରାୟଣ ମଲୁଆଲ ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ଯୋଗ ଶିବିରରେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଯୋଗାଭ୍ୟାସ



ବାଲେଶ୍ୱର(ନି.ପ୍ର.)ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଶିବିର ଗୁଡ଼ିକରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ । ରବିବାର ସକାଳ ୭ଟା ସମୟରେ ରେମୁଣା ବ୍ଲକ୍ ଅନ୍ତର୍ଗତ ଭୀମପୁରା ପଂଚାୟତ ପଡ଼ିଆରେ ବ୍ଲକ୍ ସ୍ତରୀୟ ଯୋଗ ଶିବିର ଆୟୋଜିତ ହୋଇଥିଲା । ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ଯୋଗ କେବଳ ଶାରୀରିକ ସୁସ୍ଥତା ପାଇଁ ନୁହେଁ, ଏହା ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ବିକାଶର ମଧ୍ୟ ଏକ ପ୍ରମୁଖ ମାଧ୍ୟମ । ନିୟମିତ ଯୋଗାଭ୍ୟାସ ଦ୍ୱାରା ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ ।ଏହି ଅବସରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ର, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଜିଲ୍ଲା ବିଜେପି ସମ୍ପାଦିକା ରବିତା ଦାସ, ପୂର୍ବତନ ରେମୁଣା ବ୍ଲକ୍ ଅଧ୍ୟକ୍ଷ ଗୋପୀନାଥ ସେନାପତି, ଜିଲ୍ଲା ବିଜେପି ଏସ୍.ସି. ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଜେନ୍ଦ୍ର ସେଠୀ, କମଳା ବିନ୍ଧାଣୀ, କୃଷ୍ଣ ଚନ୍ଦ୍ର ସାହାଙ୍କ ସମେତ ବହୁ ଯୋଗପ୍ରେମୀ ଓ ଯୋଗାର୍ଥୀ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ । ଅନ୍ୟପକ୍ଷରେ ରେମୁଣା ଏନ୍.ଏ.ସି. ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ଲୋଚନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଅନ୍ୟ ଏକ ଯୋଗ ଶିବିରରେ ମଧ୍ୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଉନ୍ସିଲର୍ ସିବୁନ ରୟଙ୍କ ସମେତ ଅନେକ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଯୋଗ ଦିବସ ପାଳନ କରିଥିଲେ ।

# ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ



ବାଲେଶ୍ୱର(ନି.ପ୍ର.) ରବିବାର ୧୨ତମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପତଞ୍ଜଳି ପରିବାର ବାଲେଶ୍ୱର ତରଫରୁ ରାଣୀପଟଣା ଛକସ୍ଥିତ ଆମନ୍ତ୍ରଣ କଲ୍ୟାଣ ମଣ୍ଡପ ଠାରେ ସକାଳ ୫ ଘର୍ଟିକା ସମୟରେ କରାଯାଇଥିଲା । ଏହାକୁ ଜିଲ୍ଲା ର ମୁଖ୍ୟ ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ଆଦରଣୀୟ ଶ୍ରୀ କରୁଣାକର ଜୀ ମହୋଦୟ ଉଦଘାଟନ କରାଇଥିଲେ । ଏହି କାର୍ଯ୍ୟକ୍ରମ ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରୋଟୋକଲ ଉପସ୍ଥାପନ କରାଯାଇଥିଲା । ଏହାକୁ ମଂଚରେ ଉପସ୍ଥିତ ଜିଲ୍ଲା ମହିଳା ପ୍ରଭାରୀ ଶ୍ରୀମତୀ ଯୋଶମତୀ ଶିଅଳ ତଥା ବରିଷ୍ଠ ପ୍ରଶିକ୍ଷିକା ଶ୍ରୀମତୀ ଅବନ୍ତୀରାଣୀ ଦାସ ଓ ଅନୁପମା ଦେ ସହଯୋଗ କରିଥିଲେ । ଆଜିର ଯୋଗ ଦିବସ ରେ ବିଶେଷ ଆକର୍ଷଣ ଥିଲେ , ଆଦରଣୀୟ ଭାଇ ଶ୍ରୀ ଶାନ୍ତନୁ ଯେନା ମହୋଦୟ ସିଏ ଚେନ୍ନାଇ ରୁ ଆସିଥିଲେ । ସିଏ ଚେନ୍ନାଇ ର ଈଝଞ ଠସମର ଚକ୍ୱରଶ୍ୱସୟରଭଶ୍ୱ ଅଛନ୍ତି ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପତଞ୍ଜଳି ପ୍ରଭାରୀ ଶ୍ରୀ ମନୋଜ କୁମାର ଜୀ, କିସାନ ପ୍ରଭାରୀ ଶ୍ରୀ ଅକ୍ଷୟ କୁମାର ଜୀ, ମିଡିଆ ପ୍ରଭାରୀ ଯାମିନୀ କାନ୍ତ ଜୀ,ସୋସିଆଲ ମିଡିଆ ପ୍ରଭାରୀ ଶ୍ରୀ ଗୋପଗୋବିନ୍ଦ ଜୀ , ଜିଲ୍ଲା ପତ୍ରନ ମେମ୍ବର ଧୃବ ଚରଣ ଜୀ ଉପସ୍ଥିତ ଥିଲେ । ବାଲେଶ୍ୱର ଓମ୍ ଭବନ ଯୋଗ କେନ୍ଦ୍ର ରୁ ଯୋଗୀ ଭାଇ ଭଉଣୀ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ସାଫଲ୍ୟ

# ରାଣୀପାଟଣା ଦିବ୍ୟାଙ୍ଗ ଅନୁଷ୍ଠାନରେ ଯୋଗ ଦିବସ

ବାଲେଶ୍ୱ(ନି.ପ୍ର.)ରବିବାର ଦିନ ରାଣିପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଅଛି । ଯୋଗ ଗୁରୁ ତଥା ବିଦ୍ୟାଳୟ କ୍ରୀଡା ଶିକ୍ଷକ ପ୍ୟାରୀମୋହନ ଭୂୟାଁ ବିଜ୍ଞାନ ଶିକ୍ଷକ ଗୌରାଙ୍ଗ ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଶିକ୍ଷା ଦେବା ସହ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଯୋଗର ଉପକାରିତା ଯୋଗଦ୍ୱାରା ମଣିଷ କିପରି ସୁସ୍ଥ ରହେ ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ କହିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିବା ସହ ଯୋଗ ଅଭ୍ୟାସ କରିଥିଲେ ।



# ବ୍ୟାସକବି ନଗରରେ ବିଶ୍ୱ ଯୋଗଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.): ବିଶ୍ୱ ଯୋଗଦିବସ ଅବସରରେ ସହଦେବଖୁ□ାସ୍ଥିତ ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର ପରିସରରେ ପରିଷଦର ପରିବାର ସଦସ୍ୟମାନଙ୍କୁ ନେଇ ରବିବାରଦିନ ସକାଳ ୬ଟାରୁ ଏକ ଯୋଗଶିବିର ଅନୁଷ୍ଠିତ ହୋଇଥିଲା । ପରିଷଦର ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଦ୍ୱୈତ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ରଜତ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁସ୍ଥସମାଜ ପାଇଁ ମାନସିକ ଓ ଶାରିରୀକ ସୁସ୍ଥତା ନିମି□ ଦୈନିକ ଯୋଗାଭ୍ୟାସ କରିବା ଉଚିତ ବୋଲି ଯୋଗଶିକ୍ଷକ ଶ୍ରୀଯୁକ୍ତ ନୀଳ□ଳ ବାରିକ କହିଥିଲେ । ପ୍ରାଚୀନ କାଳରେ ଆମ ଦେଶର ବହୁ ମୁନିଋଷି ଯୋଗାଭ୍ୟାସ ଦ୍ୱାରା ଦୀର୍ଘ ନିରାମୟ ଜୀବନଯାପନ କରିଥିବାର ସେ ଦୃଷ୍ଟାନ୍ତ ଦେଇଥିଲେ । ଭାରତବର୍ଷ ଆଜି ସମଗ୍ର ବିଶ୍ୱକୁ ଏହି ଯୋଗାଭ୍ୟାସର ଶିକ୍ଷା ପ୍ରଦାନ କରିଛି ଓ ମଣିଷ ଦୀର୍ଘ ଓ ସୁସ୍ଥ ନିରାମୟ ଜୀବନଶୈଳୀ ପାଇଁ ପ୍ରେରଣା ଦେଇଛି ବୋଲି



ଶ୍ରୀଯୁକ୍ତ ବାରିକ ଶିବିରାର୍ଥିମାନଙ୍କୁ ସୂଚନା ଦେଇଥିଲେ । ଗୋଟିଏ ଦିନ ନୁହେଁ ପ୍ରତ୍ୟହ ଏହି ଅଭ୍ୟାସପାଇଁ ସେ ପରାମର୍ଶ ଦେଇଥିଲେ । ବ୍ୟାସକବି ନଗରରେ ଥିବା ଦୁଇଟି ନିୟମିତ ଯୋଗକେନ୍ଦ୍ରର ମହିଳା ସଦସ୍ୟାମାନେ ବିଶ୍ୱ ଯୋଗଦିବସ ଅବସରରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପରିଷଦର ବରିଷ୍ଠ ପୂର୍ବତନ କର୍ମକ□ା ଅଖିଳ କୁମାର ଦାସ, ଇଂ. ଡମ୍ବରୁଧର ପ୍ରଧାନ ଦେବାଶିଷ ଦାସ ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଛଣପୁର ଶୁଖୁଆ ଗୋଦାମରେ ଭୟଙ୍କର ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସହର ନିକଟ ବାମପଦା ଛକ ସଂଲଗ୍ନ ଛଣପୁର ଅଂଚଳରେ ଥିବା ଏକ ଶୁଖୁଆ ଗୋଦାମରେ ସୋମବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏଥିରେ ଗୋଦାମରେ ମହଜୁଦ ଥିବା ବିପୁଳ ପରିମାଣର ଶୁଖୁଆ ଓ ଶୁଖିଲା ଚିଙ୍ଗୁଡ଼ି ଜଳିଯାଇ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ଖବର ପାଇ ଅଗ୍ନିଶମ ବିଭାଗର ତିନୋଟି ଟିମ୍ ଘଟଣାସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ନିଆଁକୁ ଆୟତ କରିବାରେ ଲାଗିପଡ଼ିଛନ୍ତି । ପ୍ରାୟ ତିନି ଘଂଟାରୁ ଅଧିକ ସମୟ ଧରି ନିଆଁ ଲିଭା କାର୍ଯ୍ୟ ଜାରି ରହିଛି । ସୂଚନା



ଅନୁଯାୟୀ, ଯେଉଁ ସ୍ଥାନରେ ଗୋଦାମଟି ରହିଛି, ସେଠାରେ ପୂର୍ବରୁ ଏକ ବିୟର କାରଖାନା ଥିଲା । କାରଖାନା ବନ୍ଦ ହେବା ପରେ ସେହି ପରିସରରେ ଶୁଖୁଆ ସାମଗ୍ରୀ ଗଚ୍ଛିତ ରଖାଯାଉଥିଲା । କୌଣସି କାରଣରୁ ନିଆଁ ଲାଗିବା ପରେ ତାହା ଦ୍ରୁତ ଗତିରେ ବ୍ୟାପି ଭୟଙ୍କର ରୂପ ଧାରଣ କରିଥିଲା । ସ୍ଥାନୀୟ ସରପଂଚଙ୍କ କହିବା ଅନୁଯାୟୀ, ଏହି ଗୋଦାମ ପାଇଁ ସାବୁନ ଓ ଫିନାଇଲ ସଂରକ୍ଷଣ ନିମନ୍ତେ ଏନଓସି (ଘଙଡ) ମଞ୍ଜୁର ହୋଇଥିଲା । କିନ୍ତୁ ସେଠାରେ ଶୁଖୁଆ ଓ ଶୁଖିଲା ଚିଙ୍ଗୁଡ଼ିର ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ନିଆଁ ସମ୍ପୂର୍ଣ୍ଣ ଆୟତକୁ ଆସିବା ପରେ ତଦନ୍ତ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

# ଭାରସାମ୍ୟ ହରାଇ ନଈଯୋଡ଼ିକୁ ଖସିଲା କାର, ଅଳ୍ପକେ ବର୍ତ୍ତିଗଲେ ବାପ-ପୁଅ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱରରେ ସୋମବାର ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି ।ପଶ୍ଚିମବଙ୍ଗରୁ ଦୁବଲାଗଡ଼ି ସି ବିଚ୍ ଅଭିମୁଖେ ଯାଉଥିବା ଏକ ୱାଗନଆର୍ କାର ହଳଦୀପଦା



ଗୋପବନ୍ଧୁ ଛକ ନିକଟରେ ଚାଳକଙ୍କ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ନଈଯୋଡ଼ି ଭିତରକୁ ଖସି ପଡ଼ିଥିଲା । ଦୁର୍ଘଟଣା ସମୟରେ କାରରେ ଥିବା ବାପ-ପୁଅ ଅଳ୍ପକେ ବର୍ତ୍ତିଯାଇଥିଲେ । ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଂଚି କାର ଭିତରୁ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଘଟଣାରେ କୌଣସି ପ୍ରାଣହାନି ହୋଇନଥିବା ବେଳେ କାରଟି କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣାର ସଠିକ୍ କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ପ୍ରଶାସନ ଘଟଣାର ତଦନ୍ତ କରୁଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୮୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୬୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି



କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ, ଜଳେଶ୍ୱର ଶ୍ରୀଯୁକ୍ତ ଗୌରାଙ୍ଗ ଘୋଷ, ତହସିଲଦାର, ଶ୍ରୀଯୁକ୍ତ ସତ୍ୟଜିତ୍ ମହାନ୍ତି, ନିର୍ବାହୀ ଅଧିକାରୀ, ଜଳେଶ୍ୱର ମ୍ୟୁନିସିପାଲଟି ଶ୍ରୀଯୁକ୍ତ ହେମନ୍ତ ସିଂହଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ଯୋଗ ଦିବସ ଓ ବିଶ୍ୱ ସଙ୍ଗୀତ ଦିବସରେ ୨୦୦ ଚାରା ରୋପଣ



ବାଲେଶ୍ୱର, (ନି.ପ୍ର.): ଅନ୍ତର୍ଜାତୀୟ ଯୋଗ ଦିବସ ଓ ବିଶ୍ୱ ସଙ୍ଗୀତ ଦିବସ ଅବସରରେ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ପୋଖରୀସାହି ପଡ଼ିଆରେ ମା' ଭଦ୍ରକାଳୀ ଯୁବକ ସଂଘ ପକ୍ଷରୁ ୨୦୦ଟି ଚାରା ରୋପଣ କରାଯାଇଥିଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ସୁପରଭାଇଜର ଆଦିକନ୍ଦ ପ୍ରଧାନ ଫିତା କାଟି ଉଦ୍ଘାଟନ କରିବା ସହ ଚାରା ରୋପଣ କରିଥିଲେ । ସଂଘର ସଭାପତି ସୁବ୍ରତ କୁମାର ପ୍ରଧାନ ଓ ସମ୍ପାଦକ ଉତମ କୁମାର ଦାସ ଗ୍ରାମର ବିକାଶ, ପରିବେଶ ସୁରକ୍ଷା ଏବଂ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ 'ମୋ ଭାରତ' ଯୁବ କେନ୍ଦ୍ରର ବିକ୍ରମ ବାରିକ, ଅଭିଜିତ ବେହେରା, ନିକିତା ବାନାର୍ଜୀ, ଆଲୋକ ସିଂ, ଜ୍ୟୋତିର୍ମୟୀ ଗଣ୍ଡ, ବିଜନ ରଣାଙ୍କ ସମେତ ସ୍ୱେଚ୍ଛାସେବୀ ଓ ପୋଖରୀସାହିର ଅତୁଲ କୁମାର ଦାସ, ଜିତେନ୍ଦ୍ର ପ୍ରଧାନ, ଲକି ଦାସ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅନାଥ ସର୍ଭେ ଉତ୍ପାଦନ ଶିବିର ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ନୀଳଗିରି ବ୍ଲକରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଉଡଚଟ), ବାଲେଶ୍ୱର ଦ୍ୱାରା ମିଶନ ବାତ୍ସଲ୍ୟର ତତ୍ତ୍ୱାବଧାନରେ ଏକ ଅନାଥ ସର୍ଭେ ଉତ୍ପାଦନ ଶିବିର - ୨୦୨୬ ସଫଳତାର ସହ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୀଳଗିରିର ଈଉଡଙ୍ଗ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଉଡଚଡଙ୍ଗ), ବାଲେଶ୍ୱର, ଶିଶୁ କଲ୍ୟାଣ କମିଟି (ଉଡଉ), ବାଲେଶ୍ୱରର ଅଧ୍ୟକ୍ଷ ଏବଂ ସଦସ୍ୟ, ଈରଙ୍ଗ,ଈଝଝଙ୍ଗ,ନୀଳଗିରିର ଉଡଚଡଙ୍ଗ, ଉଡଚଟ



କର୍ମଚାରୀ, ଓଉଉଝ ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ (ଇଡଡଝ୍ୱ) ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇଥିଲେ । ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ବହୁ ସଂଖ୍ୟକ ଅନାଥ ଏବଂ ଦୁର୍ବଳ ପିଲାଙ୍କୁ ମିଶନ ବାତ୍ସଲ୍ୟ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନା ଅଧୀନରେ ବିଭିନ୍ନ କଲ୍ୟାଣ ଏବଂ ପୁନର୍ବାସ ସେବା ସହିତ ମୂଲ୍ୟାଙ୍କନ ଏବଂ ସଂଯୋଗ ପାଇଁ ଉଡଉ ସମ୍ମୁଖରେ ହାଜର କରାଯାଇଥିଲା । ଶିବିରରେ ପିଲାମାନଙ୍କର ବିବରଣୀ ଯାଂଚ, ସେମାନଙ୍କର ଆବଶ୍ୟକତାର ମୂଲ୍ୟାଙ୍କନ ଏବଂ ସେମାନଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ସୁରକ୍ଷା ପାଇଁ ଆବଶ୍ୟକୀୟ ସହାୟତା ପଦକ୍ଷେପ ଆରମ୍ଭ କରିବାରେ ସାହାଯ୍ୟ କରାଯାଇଥିଲା ।





# ଧାମନଗରରେ ଦୁର୍ନୀତି ଓ ପ୍ରଶାସନିକ ବିଫଳତା ଅଭିଯୋଗ

ଧାମନଗର,(ନି.ପ୍ର.) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀରେ ଚାଲିଥିବା ପ୍ରଶାସନିକ ବିଫଳତା ଓ ଦୁର୍ନୀତି ବିରୋଧରେ ଧାମନଗର ବ୍ଲକ ବିଜେଡି ପକ୍ଷରୁ କିଲାଟେଶ୍ୱର କଲ୍ୟାଣ ମଣ୍ଡପରେ ଏକ ପ୍ରେସମିଟ୍ ଆୟୋଜନ କରାଯାଇଥିଲା । ଏଥିରେ ଦଳ ପକ୍ଷରୁ ସରକାରଙ୍କ ବିଭିନ୍ନ ବିଭାଗର କାର୍ଯ୍ୟକଳାପକୁ ନେଇ ଏକାଧିକ ଗୁରୁତର ଅଭିଯୋଗ ଉଠାଯାଇଥିଲା । ବିଜେଡି ନେତୃବୃନ୍ଦଙ୍କ ଅଭିଯୋଗ ଅନୁଯାୟୀ ହସନାବାଦ ଅଂଚଳରେ ବିନା ଟେଣ୍ଡରରେ ଶାସକ ଦଳର କର୍ମୀଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିବାରୁ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି । ସେହିପରି ପଧାନୀ ଓ ସଇଲୋ ଅଂଚଳରେ ନଦୀବନ୍ଧ ମରାମତି ନାମରେ ବାସ୍ତବ କାମ ନକରି ବହୁଗୁଣ ଅଧିକ ଅର୍ଥ ହରିଲୁଟ୍ ହୋଇଥିବା ଅଭିଯୋଗ ମଧ୍ୟ ହୋଇଛି ।ରାସ୍ତା ନିର୍ମାଣ କ୍ଷେତ୍ରରେ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ବିନା ଟେଣ୍ଡରରେ ନିମ୍ନମାନର କାର୍ଯ୍ୟ ଚାଲିଥିବା ବିଜେଡି ଅଭିଯୋଗ



କରିଛି । ଧାମନଗର-ବାରିକପୁର ଓ ଭଦ୍ରକ-ଆରଡ଼ି ମୁଖ୍ୟ ରାସ୍ତା ଅଧାପନ୍ତରିଆ ରହିଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦାବି କରାଯାଇଛି । ମନରେଗା ଯୋଜନାରେ ଜଣେ ଏଇଙ୍କୁ ୮ଟି ପଂଚାୟତର ଦାୟିତ୍ୱ ଦେଇ ଜାଲ୍ ବିଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ମଧ୍ୟ ଉଠାଯାଇଛି ।ଏହାସହ ଆବାସ ଯୋଜନା ଓ ରେସନ କାର୍ଡ ବଂଟନରେ ପକ୍ଷପାତିତା କରାଯାଉଥିବା ଏବଂ ଗରିବଙ୍କ ବଦଳରେ ସଚ୍ଛଳ ଲୋକଙ୍କୁ ସୁବିଧା ମିଳୁଥିବା ବିଜେଡି ଅଭିଯୋଗ କରିଛି । ତିନି ମାସ ଧରି ଭତା ବନ୍ଦ ରହିବାରୁ ଜଣେ ବୃଦ୍ଧା ଆତ୍ମହତ୍ୟା କରିଥିବା ଓ ମଣ୍ଡିରେ ଧାନ କଟନୀ-ଛଟନୀ ଯୋଗୁଁ ବମକୁରା ସେବା ସମବାୟ ସମିତିର ଜଣେ ଚାଷୀ ଆତ୍ମହତ୍ୟା ଉଦ୍ୟମ କରିଥିବା ମଧ୍ୟ ଦଳ ପକ୍ଷରୁ କୁହାଯାଇଛି ।ପ୍ରେସମିଟ୍ ?ରେ ଆଇନ ଶୃଙ୍ଖଳା ପ୍ରସଙ୍ଗ ଉଠାଇ ମହାକାଳପଡ଼ା ବ୍ଲକରେ ଜଣେ ମହିଳା ସରପଂଚଙ୍କୁ ଆକ୍ରମଣ ଘଟଣାକୁ ନେଇ ମଧ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା ।ଶେଷରେ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା ଯେ, ଯଦି ଏହି ସମସ୍ତ ସମସ୍ୟାର ସମାଧାନ ତୁରନ୍ତ ନ କରାଯାଏ, ତେବେ ଆଗାମୀ ଦିନରେ ଧାମନଗର ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାପକ ଘେରାଉ ଓ ଆନ୍ଦୋଳନ କରାଯିବ ବୋଲି ବ୍ଲକ ସଭାପତି ପ୍ରତାପ ସାମଲ ଚେତାବନୀ ଦେଇଛନ୍ତି । ଏହି ଅବସର ରେ ଧାମନଗର ନିର୍ବାଚନ ମଣ୍ଡଳୀ ନେତା ସଂଜୟ ଦାସ,ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନି ବାଳା ବିଶ୍ୱାଳ , ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲିକ, ଯୁବ ନେତା ସୁଶାନ୍ତ ରାଉତ ଙ୍କ ସମେତ ବିଜେଡି ର କାର୍ଯ୍ୟକର୍ତ୍ତା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଧାମନଗର ଥାନା ପରିସରରେ ଅଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ଧାମନଗର,(ନି.ପ୍ର.): ଧାମନଗର ଥାନା ପରିସରରେ ନବନିର୍ମିତ ଶ୍ରୀ ଶ୍ରୀ ଅଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଥିଲା ।ଥାନା ଅଧିକାରୀ ସୁବ୍ରଜିତ ଦାସ ଓ ତାଙ୍କ ପତ୍ନୀ ରଶ୍ମିତା ଦାସ କର୍ତ୍ତା ଭାବେ ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରଥମ ଦିନ ଅଧିବାସ, କଳସ ଶୋଭାଯାତ୍ରା ଓ ବିଭିନ୍ନ ବୈଦିକ ନୀତିକାନ୍ତି ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନ ହରିନାମ ସଙ୍କୀର୍ତନ, ଭଜନ ଓ ବେଦମନ୍ତ୍ର ଧ୍ୱନି ମଧ୍ୟରେ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ଶେଷଦିନ ଯଜ୍ଞ, ହୋମ, ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି ସହ ଉତ୍ସବର ସମାପନ ହୋଇଥିଲା ।ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ବାମନ ଚରଣ ତ୍ରିପାଠୀ ଓ



ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ସମସ୍ତ ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପିତାମ୍ବର ଅଗସ୍ତି, ଅଭୟ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିପ୍ଳବ ପଣ୍ଡା ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ।ଉତ୍ସବର ଶେଷଦିନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଡ଼ା. ସଞ୍ଜୟ କୁମାର ଦାସ, ଭଦ୍ରକ ଏସ୍ ?ପି ମନୋଜ କୁମାର ରାଉତ, ଏଏସ୍ ?ପି ଅଂଶୁମାନ ଦ୍ୱିବେଦୀ, ଏସ୍ ?ଡିପିଓ ବିଷ୍ଣୁ ଚରଣ ବାରିକ, ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ଦିଣ୍ଡା, ଧାମନଗର ବୋଂଚୟତ ସମିତି ର ପୂର୍ବତନ ଅଧକ୍ଷ ଅଶୋକ ନାୟକ, ଡ଼ା,ସଞ୍ଜୟ ଦାସ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମହାଦେବଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଉତ୍ସବ ଅବସରରେ ଥାନା ପରିସର ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା ।

# ବାଲିକୁଟୀ ଏକଲ ବିଦ୍ୟାଳୟରେ ବିଶ୍ୱଯୋଗ ଦିବସ ପାଳନ

ଲଙ୍ଗଳେଶ୍ୱର (ନି.ପ୍ର)ବିଶ୍ୱ ଯୋଗ ଦିବସରେ ବିଶ୍ୱର ବିଭିନ୍ନ ଦେଶରେ ଯୋଗ ପାଳନ ହେଉଥିବା ବେଳେ, ବାଲିଆପାଳ ବ୍ଲକର ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ ଇତ୍ୟାଦିରେ ଯୋଗ ଦିବସ ପାଳନ ହୋଇଅଛି । ସେହିପରି ଏକଲ ଅଭିଯାନ୍ ଓଡ଼ିଶା ସଂଭାଗ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବାଲିକୁଟୀ ଏକଲ ବିଦ୍ୟାଳୟରେ ଆଜି ଅନ୍ତଃରାଷ୍ଟ୍ରୀୟ ବିଶ୍ୱ ଯୋଗଦିବସ ପାଳନ ହୋଇ ଯାଇଅଛି । ଏଥିରେ ଅଂଚଳ ଅଭିଯାନ ପ୍ରମୁଖ ସପ୍ନେଶ୍ୱର ନାୟକ ସଂଚପ୍ରମୁଖ ଓମ ପ୍ରଭା ପ୍ରଧାନ ଏବଂ



ବିଦ୍ୟାଳୟର ଆଚାର୍ଯ୍ୟ ରଶ୍ମିରେଖା ପାତ୍ର ପ୍ରମୁଖ ଉପସ୍ଥିତ ରହି. ଯୋଗ ଦ୍ୱାରା ମଣିଷ କେମିତି ନିରୋଗ୍ ରହିଥାନ୍ତି, ତାର ଉପକାରିତା ସମ୍ପର୍କରେ ସୂଚନା ଦେବାସହ , ଉପସ୍ଥିତ ଥିବା ସ୍ଥାନୀୟ ଗ୍ରାମବାସୀ ଛାତ୍ର ଛାତ୍ରୀ ମାନଙ୍କୁ ନୂତନ ଯୋଗାସନ ଶିକ୍ଷା ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲିକୁଟୀ ଆରୋଗ୍ୟ କେନ୍ଦ୍ର ର ଉ.ସ୍ୱ .ଙ ଏବଂ ଆଶାକର୍ମୀ ସାଧନା ଦଳାଇ, ସୋରଜିନି ପାଟୟତ ଉପସ୍ଥିତ ଥିଲେ । ଶେଷରେ ତୁଳସୀ ବୃକ୍ଷ ରୋପଣ କରା ଯାଇଥିଲା ।

# ନଦୀଗାଁରେ ଆମ ତହସିଲ ଆମ ଗାଁରେ କାର୍ଯ୍ୟକ୍ରମ

ସୋର, (ନି.ପ୍ର.) ସୋର ବ୍ଲକ ନଦୀଗାଁ ପଂଚାୟତ କାର୍ଯ୍ୟାଳୟରେ ସୋର ତହସିଲ ପକ୍ଷରୁ ଆମ ତହସିଲ ଆମ ଗାଁରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନଦୀଗାଁ ଓ ସରଣଙ୍ଗ ପଂଚାୟତର ଗ୍ରାମବାସୀମାନେ ନିଜର ସମସ୍ୟା ଜଣାଇ ଥିଲେ । ମୋଟ ୭୭ ଟି ଅଭିଯୋଗ ଆସିଥିବା ବେଳେ ସେହି ସ୍ଥାନରେ ୩୧ଟିର ତୁରନ୍ତ ସମାଧାନ କରାଯାଇଥିଲା । ଏହି ସମୟରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣମୋହନ ସିଂହ, ଡାଟା ଏଂଟ୍ରି ଅପରେଟର କବିତା ଦାସ ଓ ପ୍ରଦୀପ କୁମାର ଦାସ, ଅମିନ ମୁଧୁସ୍ମିତା ମାଝି, ବରିଷ୍ଠ ସହାୟକ ମନୋରଞ୍ଜନ ପରିଡା,ରେକଡ କିପର ଭରତ କୁମାର ମଲିକ, କନିଷ୍ଠ ସହାୟକ ରଞ୍ଜନ କୁମାର ଦାସ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ପ୍ରତି ପଂଚାୟତରେ ଏପରି କାର୍ଯ୍ୟକ୍ରମ କରାଯାଇ ଲୋକମାନଙ୍କ ସମସ୍ୟାର ସମାଧାନ ଗାଁରେ କରାଯିବ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି ।

# ସାପ କାମୁଡ଼ାରେ ଯୁବ ଚାଷୀଙ୍କ ମୃତ୍ୟୁ

ବଲାଙ୍ଗିର (ହି.ସ.)- ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗରେଇ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ।ମୃତକ ଜଣକ ହେଲେ ଜନ୍ମଜୟ ବାଗ ଓରଫ ଏକୁ(୨୫) । ସୂଚନା ଅନୁଯାୟୀ, ରାତିରେ ଜନ୍ମଜୟ ନିଜ ଚାଷ ଜମିରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା । କିଛି ସମୟ ପରେ ମୁଣ୍ଡ ବୁଲାଇବା ସହ ଶରିରୀ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାର ଲୋକେ ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗୀର ଭୀମ ଭୋଇ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ।ମାତ୍ର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ମୃତଦେହ ଗ୍ରାମରେ ପହଂଚିବା ପରେ ଗରେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଜନ୍ମଜୟ ଅଂଚଳର ଜଣେ ଉଦୀୟମାନ ଚାଷୀ ଭାବେ ପରିଚିତ ଥିଲେ । ସେ ଚାଷ ବାସ ସମ୍ପର୍କିତ ବିଭିନ୍ନ ସୂଚନା ଓ ଆଧୁନିକ କୃଷି ପଦ୍ଧତିକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରୁଥିବାରୁ ଯୁବ ଚାଷୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଥିଲେ ।

# ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉଦ୍ଘାଟିତ

ବଲାଙ୍ଗିର, (ହି.ସ.)- ଓଡ଼ିଶାରେ ପ୍ରଥମ ଥର ପାଇଁ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅନଲାଇନ୍ ମତାମତ ଓ ମୂଲ୍ୟାୟନ ଗ୍ରହଣ ବ୍ୟବସ୍ଥା ଉଦ୍ଘାଟିତ ହୋଇଯାଇଛି । ଏହାଦ୍ୱାରା ଡାକ୍ତରଖାନାକୁ ଆସୁଥିବା ରୋଗୀ ତଥା ସେମାନଙ୍କ ପରିଜନଙ୍କ ମତାମତ ଆଧାରରେ ଆହୁରି ବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ବୋଲି ଜଣାଯାଇଛି । ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଡିଜିଟାଲ ସେବାର ଉନ୍ମୋଚନ ତଥା ଲୋକାର୍ପଣ କରିଥିଲେ । ପୂର୍ବରୁ ଏହି ସେବା ମେନୁଏଲ୍ ମାଧ୍ୟମରେ ହେଉଥିବା ଯୋଗୁଁ ରୋଗୀ ତଥା ସେମାନଙ୍କ ପରିଜନଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି ହେଉଥିଲା । ଡିଜିଟାଲ ସିଷ୍ଟମରେ କ୍ୟୁଆର କୋଡକୁ ସ୍କାନ କରି ଲୋକେ ସ୍ୱକୀୟ ମତାମତ ଦେଇପାରିବେ, ଯେଉଁଥିରେ କି କୌଣସି ଓଟିପିର ଆବଶ୍ୟକତା ନାହିଁ । ହସ୍ପିଟାଲରେ ଉପଲବ୍ଧ ଔଷଧ ବିତରଣ ସେବା ସାଙ୍ଗକୁ ସଫାସୁତୁରା, ଅନ୍ତଃ ବିଭାଗ, କର୍ମଚାରୀଙ୍କ ବ୍ୟବହାର, ରୋଗୀ ସେବାରେ ବିଳମ୍ବ ସମେତ ସମସ୍ତ ବିଭାଗର ସେବା ଉପରେ ରୋଗୀ ତଥା ସେମାନଙ୍କ ପରିଜନ ମତାମତ ଉପସ୍ଥାପନ କରିପାରିବେ । ସେମାନଙ୍କ ମତାମତକୁ ଆଧାର କରି ପରବର୍ତ୍ତୀ ସମୟରେ ଡାକ୍ତରଖାନାର ଆହୁରି ଉନ୍ନତି ପାଇଁ ପଦକ୍ଷେପ ନିଆଯାଇପାରିବ ବୋଲି ହସ୍ପିଟାଲ ଅଧିକ୍ଷକ ଡ. ଶେଖରଲାଲ ପଧାନ ସୂଚନା ଦେଇଛନ୍ତି । କାୟାକଳ୍ପ ଯୋଜନାରେ ଲୋଇସିଂହା ଡାକ୍ତରଖାନାକୁ ମିଳିଥିବା ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଅର୍ଥକୁ ଏହି ସେବାରେ ବିନିଯୋଗ କରାଯାଇଥିବା ଜଣାଯାଇଛି । ଏହି ଲୋକାର୍ପଣ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର, ଡ. ସଞ୍ଜୀବ କୁମାର ବିଶ୍ୱାଳ, ଡ. ଶୁଭେନ୍ଦୁ ପଧାନ, ଡ. ଯଶୋବନ୍ତ ପାଢ଼ୀଙ୍କ ସମେତ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଲୋକଙ୍କୁ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ପୂର୍ବରୁ ଅନେକ ଉଦାହରଣ ସୃଷ୍ଟି କରିଥିବା ହସ୍ପିଟାଲ ଅଧିକ୍ଷକ ଡା. ଶେଖରଲାଲ ପଧାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଶକ୍ତିର ଉତ୍ସ ଯୁବ ସମାଜ ଆନୁକୂଲ୍ୟରେ ବିଶ୍ୱ ପିତୃ ଦିବସ ପାଳିତ

କଟକ: (ନି.ପ୍ର.)ନୂଆ ପାଟଣାସ୍ଥିତ ଶହୀଦ ପାର୍କରେ ଶକ୍ତିର ଉତ୍ସ ଯୁବ ସମାଜ ପରିବାର ପକ୍ଷରୁ ବିଶ୍ୱ ପିତୃ ଦିବସ ପାଳିତ ହୋଇଯାଇଛି । ଦୁନିଆରେ ପିତା ଏକ ଏମିତି ଚରିତ୍ର ଯିଏ କି ନିଜ ସନ୍ତାନର ସବୁ ଦୁଃଖ କଷ୍ଟକୁ ନିଜ ପିଠିରେ ନେଇ ସବୁ ସୁଖ ଶାନ୍ତି ଆନନ୍ଦ ସ୍ନେହ ମମତା ଢାଳି ଦେଇଥାଏ । ନିଜେ ଭୋକ ଉପାସରେ ରହି ସନ୍ତାନକୁ ଶିକ୍ଷିତ ତଥା ଭଲ ମଣିଷ କରିବା ପାଇଁ ପାଇଁ ଚେଷ୍ଟା କରିଥାଏ । ବଡ଼ ଦୁଃଖର କଥା ଏହି ଯେ ଆଜିର ପୁଅ ଝିଅ ପିତା ଶବ୍ଦର ଅର୍ଥ ନ ବୁଝି, ତାଙ୍କୁ ସମ୍ମାନ ଦେବାତ ଦୂରର କଥା ବୃଦ୍ଧବେଳେ ମୁଠେ ଖାଇବାକୁ ନ ଦେଇ ବୃଦ୍ଧାଶ୍ରମରେ ଛାଡ଼ିଦେଇ ନିଜ ପତ୍ନୀ ସହିତ ଅୟସର ଫୁଲ ଶଯ୍ୟାରେ ସ୍ୱର୍ଗ ସୁଖ ବିତାଉଛି । ମାତ୍ର ତାର ଏହି ମୂର୍ଖତାକୁ ଦୂର କରିବା ପାଇଁ ଶକ୍ତିର ଉତ୍ସ ଯୁବ ସମାଜ ପକ୍ଷରୁ ପିତୃଙ୍କୁ କିପରି ସମ୍ମାନ ଦେବା ଉଚିତ ବିଶ୍ୱ ପିତୃ ଦିବସ ପାଳନ କରି ସାରା ସମାଜକୁ ବାର୍ତ୍ତା ପ୍ରଦାନ କରାଯାଉଛି । ଏତଦ୍ ବ୍ୟତୀତ ଭଲ ମଣିଷ ଖୋଜା ଚାଲିଛି ବିଷୟ ଉପରେ ଏକ ବିଶେଷ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ମାଛୁଆ ବଜାର ପଂଚାୟତ ପୂଜା କମିଟିର ସଭାପତି କ୍ଷୀରୋଦ କୁମାର ସାହୁ, ଶ୍ରୀ ଶ୍ରୀ ନୃସିଂହନାଥ ଡ୍ରାମାଟିକ୍ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ସଭାପତି ପ୍ରକାଶ କୁମାର ମହାନ୍ତି, ସମ୍ପାଦକ ଜଗବନ୍ଧୁ ସାହୁ, ଶକ୍ତିର ଉତ୍ସ ଯୁବ ସମାଜର ସମ୍ପାଦକ ଦେବଦ୍ୟୁତି ସ୍ୱାଇଁ, ହରେକୃଷ୍ଣ ବାରିକ ପ୍ରମୁଖଙ୍କ ସମେତ କଟକର ବହୁ ବୁଦ୍ଧିଜୀବୀ ଯୋଗଦେଇ ଭଲ ମଣିଷ ଖୋଜା ଚାଲିଛି ପ୍ରୟାସକୁ ଆଗକୁ ନେଇଥିଲେ ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବାଲିଆପାଳ ବ୍ଲକର ଯୁକ୍ତ ଦୁଇ କଳା ଓ ବିଜ୍ଞାନ ପରୀକ୍ଷାର ଟପ୍ପରଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ,(ନି.ପ୍ର) ବାଲିଆପାଳ ବ୍ଲକ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରବିବାର ପରିଷଦର ସଭାଗୃହ ପରିସରରେ ଯୁକ୍ତ ଦୁଇ ପରୀକ୍ଷାରେ ବାଲିଆପାଳ ବ୍ଲକର କଳା ଓ ବିଜ୍ଞାନ ବିଭାଗର ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୨ ଜଣ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଛି । ଏହି ଅବସରରେ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରାସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପରିଷଦ ସଦସ୍ୟ



ଚିତରଂଜନ ଦାସ, ପରିଷଦର ସମ୍ପାଦକ ଡା. ବଙ୍କିମ୍ ଚନ୍ଦ୍ର ଜେନାଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ହୋଇ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ବିଭାଗର ଛାତ୍ର ସତ୍ୟଜିତ ସାହୁଙ୍କୁ ପରିଷଦ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରୀ ଅଙ୍କିତା ମାଣିକଙ୍କୁ ପଦ୍ମଲୋଚନ ପୀଳା ସ୍ମୃତି ପୁରଷ୍କାରରେ ପୁଷ୍ପଗୁଚ୍ଛ ଉତରୀୟ ଓ ଅର୍ଥିକ ସହାୟତା ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।

# ‘ବିକାଶର ଧାରା–ଓଡ଼ିଶା ସାରା’ କାର୍ଯ୍ୟକ୍ରମର ୪ର୍ଥ ଦିବସରେ ଖୁଂଟା ବ୍ଲକରେ କୃଷକ ସମ୍ବାଦ

ଖୁଂଟା -(ନି ପ୍ର) ବିକାଶର ଧାରା–ଓଡ଼ିଶା ସାରା କାର୍ଯ୍ୟକ୍ରମର ୪ର୍ଥ ଦିବସ ଅବସରରେ ଆଜି ଖୁଂଟା ବ୍ଲକ ପରିସରରେ “କୃଷକ ସମ୍ବାଦ” କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷକମାନଙ୍କ ନିକଟରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ କୃଷି ସମ୍ବନ୍ଧୀୟ ବିଭିନ୍ନ ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ।କାର୍ଯ୍ୟକ୍ରମ ଆରମ୍ଭରେ ମଂଚାସୀନ ଅତିଥିବୃନ୍ଦ ମଂଚାସୀନ ହେବା ପରେ ପବିତ୍ର ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ଆରମ୍ଭରେ ମଂଚାସୀନ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । କୃଷି ବିଭାଗର ଅଧିକାରୀମାନେ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସରକାରଙ୍କ କୃଷକ-କେନ୍ଦ୍ରିକ ଯୋଜନାଗୁଡ଼ିକ ବିଷୟରେ ପ୍ରାଞ୍ଜଳ ଓ ସରଳ ଭାବରେ ଉପସ୍ଥାପନ କରାଯାଇଥିଲା । ପରବର୍ତୀରେ ଅତିଥିବର୍ଗ ସରକାରଙ୍କ କୃଷକ ସମ୍ବାଦ ଓ କୃଷି ଉନ୍ନୟନ ଯୋଜନା ସମ୍ପର୍କରେ ନିଜ ନିଜର ମତାମତ ଓ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ଦୁଷ୍ମନ୍ତ ଘୋଷ (ମଣ୍ଡଳ ସଭାପତି, କହ୍ନେଇବନ୍ଦ), ଚାକୁରାମ ସୋରେନ୍ (ମଣ୍ଡଳ ସଭାପତି, ଖୁଂଟା), ରଞ୍ଜନ କୁମାର ମହୁଆଳ (ଜିଲ୍ଲା ବିଜେପି ଉପସଭାପତି ତଥା ବି.ସି.ପୁର ଲ୍ୟାମ୍ପାସ୍ ଡାଇରେକ୍ଟର), ସୁଧନ୍ୟା ନାଏକ (ଚେୟାରମ୍ୟାନ୍), ଅଶୋକ ବ୍ରହ୍ମା (ବ୍ଲକ କୋ-ଅର୍ଡିନେଟର, କୃଷକ ମୋର୍ଚ୍ଚା), ଧନେଶ୍ୱର ଟୁଡୁ (କୃଷକ ମୋର୍ଚ୍ଚା ସଭାପତି), ଯଜ୍ଞଦତ ସେଠି (ବି.ଏ.ଓ., ଅତିରିକ୍ତ ଦାୟିତ୍ୱ ଖୁଂଟା ବ୍ଲକ), ବିନୟ ଜ୍ୟୋତି ଲେଙ୍କା (ଏ.ଇ.ଇ.), ଚିନ୍ମୟୀ ନନ୍ଦ (ଏ.ଏଫ୍.ଓ.), ମଧୁସ୍ମିତା ହେମ୍ବ୍ରମ (ସହକାରୀ କୃଷି ଅଧିକାରୀ), ସୁଭଶ୍ରୀ ପି. ବେହେରା (ବି.ଟି.ଏମ୍.), ଧନଞ୍ଜୟ ବେହେରା (ବି.ଭି.ଓ.), ପୁରୁଷୋତମ ସିଂହ (ଏ.ଟି.ଏମ୍.ଓ.), ଭବାନୀ ସାହୁ(ସହକାରୀ କୃଷି ଯନ୍ତ୍ରୀ) ଓ ଜଟାଧାରୀ କର (ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ଖୁଂଟା ମଣ୍ଡଳ ପୂର୍ବତନ ବିଜେପି ସଭାପତି) ପ୍ରମୁଖ ମଂଚାସୀନ ଥିଲେ ।ସେହିପରି ସୌରଭ ମିଶ୍ର, ମାନସ ମହାନ୍ତି, ଦିଲ୍ଲୀ ବେହେରା, ସ୍ମାରକ କଟୁଆଳ, ଭୋଳାନାଥ ଦଳେଇ ଓ ଦୀପକ କାମିଲା ସହ ବହୁ ସଂଖ୍ୟକ କୃଷକ ଏବଂ ସାଧାରଣ ଲୋକମାନେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ପରିଶେଷରେ ଖୁଂଟା କୃଷି ଅଧିକାରୀ ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ ଏବଂ ଆଜିର କାର୍ଯ୍ୟକ୍ରମକୁ ବିରାମ ଦେଇଥିଲେ ।ଏହି କୃଷକ ସମ୍ବାଦ କାର୍ଯ୍ୟକ୍ରମ କୃଷକମାନଙ୍କ ମଧ୍ୟରେ ସରକାରୀ ଯୋଜନା ସମ୍ପର୍କରେ ଜାଗରୁକତା ବୃଦ୍ଧି କରିବା ସହିତ କୃଷି କ୍ଷେତ୍ରର ସାର୍ବିକ ଉନ୍ନତି ପାଇଁ ଏକ ସକାରାତ୍ମକ ପଦକ୍ଷେପ ବୋଲି ପ୍ରମାଣିତ ହୋଇଛି ।

# କୋରାପୁଟରେ ମାଓ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ

ଜୟପୁର,(ହି.ସ.)- କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ପୋଲିସ ଥାନା ସୀମା ଅନ୍ତର୍ଗତ ବାଦଲିପାହାଡ଼ର ଘନ ଜଙ୍ଗଲ ଅଂଚଳରେ ଏକ ମାଓ ଡମ୍ପରୁ ଏକ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍ ଉଦ୍ଧାର ହୋଇଛି । ଆତ୍ମସମର୍ପଣକାରୀ ନକ୍ସଲଙ୍କ ଠାରୁ ମିଳିଥିବା ନିର୍ଦ୍ଦିଷ୍ଟ ସୂଚନା ଉପରେ କାର୍ଯ୍ୟ କରି, ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ, କୋରାପୁଟ ଛତିଶଗଡ଼ର ବସ୍ତର ଜିଲ୍ଲା ସୀମାନ୍ତ ଜଙ୍ଗଲରେ ଏକ ସର୍ଚ୍ଚ ଅପରେସନ୍ କରିଥିଲା । ଆଜି ସକାଳ ପ୍ରାୟ ୫ଟା ୩୦ରେ ଏହି ଡମ୍ପଟି ଖୋଳାଯାଇଥିଲା । ଅପରେସନରୁ ଉଦ୍ଧାର ହୋଇଥିବା ସାମଗ୍ରୀ ହେଉଛି ଆଇ ଏନ ଏସ ଏ ଏସ ରାଇଫଲ୍, ଦେଶୀ ବନ୍ଧୁକ, କ୍ଲମୋର ମାଇନ୍ (ପ୍ରାୟ ୧୮ କିଲୋଗ୍ରାମ), ବହୁବିଧ ଟିଫିନ୍ ବୋମା (ପ୍ରାୟ ୧୦ କିଲୋଗ୍ରାମ ଏବଂ ୪ କିଲୋଗ୍ରାମ), ମାଓ କିଟ୍ ବ୍ୟାଗ୍, ମାଓ ସାହିତ୍ୟ ଏବଂ ଔଷଧ ଏବଂ ଖାଦ୍ୟ ସାମଗ୍ରୀ । ଉଦ୍ଧାର ସାମଗ୍ରୀଗୁଡ଼ିକ ଆନ୍ଧ୍ର-ଓଡିଶା ସୀମାନ୍ତ ସ୍ୱତନ୍ତ୍ର ଜୋନାଲ କମିଟିର କ୍ୟାଡରମାନଙ୍କର ବୋଲି ବିଶ୍ୱାସ କରାଯାଉଛି ଏବଂ ଏହା ସୁରକ୍ଷା ବାହିନୀ ଏବଂ ସାଧାରଣ ନାଗରିକଙ୍କ ବିରୁଦ୍ଧରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା ।ଏହି ସଫଳ ଅପରେସନ୍ ହେଉଛି କାରଣ କୋରାପୁଟ ଜିଲ୍ଲା ମାର୍ଚ୍ଚ ୩୧, ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହେବା ଲକ୍ଷ୍ୟରେ ଆଗକୁ ବଢୁଛି । ଜାନୁଆରୀ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ, ଜିଲ୍ଲାରେ ଜଣେ ନକ୍ସଲ କ୍ୟାଡରଙ୍କୁ ଗିରଫ କରାଯାଇଥିଲା ଏବଂ ଅନ୍ୟ ଜଣେ ଆତ୍ମସମର୍ପଣ କରିଥିଲେ । ମାଓବାଦୀ କାର୍ଯ୍ୟକଳାପର ପୁନରାବୃତିକୁ ରୋକିବା ପାଇଁ ସ୍ପେଶାଲ୍ ଅପରେସନ୍ ଗ୍ରୁପ୍ , ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ ଏବଂ ସୀମା ସୁରକ୍ଷା ବାହିନୀ ସମେତ ସୁରକ୍ଷା ବାହିନୀ ଏହି ଅଂଚଳରେ ନିୟମିତ କମ୍ବିଂ ଏବଂ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି । 1ଏ ସମ୍ପର୍କରେ କୋରାପୁଟ ଏସପି ରୋହିତ ବର୍ମା ଆଜି ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆତ୍ମସମର୍ପଣ କରିଥିବା ଜଣେ ମାଓବାଦୀଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଡିଭିଏଫ୍ ଜିଲା ସ୍ୱେଚ୍ଛାସେବୀ ବାହିନୀ ପକ୍ଷରୁ ସୋମବାର ସକାଳେ ଏହି ଅପରେଶନ ଚାଲିଥିଲା । ଚଢ଼ଉ ସମୟରେ ଏକ ଇନ୍ସାସ୍ ରାଇଫଲ, ୬ଟି ଦେଶୀ ବନ୍ଧୁକ, ପ୍ରାୟ ୧୮ କିଲୋଗ୍ରାମ ଓଜନର ଏକ କ୍ଲେମୋର ମାଇନ, ୧୦ କିଲୋଗ୍ରାମ ଓଜନର ଏକ ଟିଫିନ ବୋମା ଆଇଇଡି, ୪ କିଲୋଗ୍ରାମ ଓଜନର ୬ଟି ଟିଫିନ ବୋମା ଆଇଇଡି, ମାଓବାଦୀ କିଟ୍ ବ୍ୟାଗ, ସାହିତ୍ୟ, ଔଷଧ ଏବଂ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି ।

ପୋଲିସ ସୂଚନା ଅନୁଯାୟୀ, ଜବତ ହୋଇଥିବା ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆନ୍ଧ୍ର-ଓଡ଼ିଶା ସୀମା ବିଶେଷ ଜୋନାଲ କମିଟିର ମାଓବାଦୀ କ୍ୟାଡରଙ୍କର ହୋଇଥିବା ସନ୍ଦେହ କରାଯାଉଛି । ଏସପି ରୋହିତ ବର୍ମା କହିଛନ୍ତି ଯେ, ଅଂଚଳରେ ସ୍ପେଶାଲ ଅପରେଶନ ଗ୍ରୁପ୍ , ଡିଭିଏଫ୍ ଏବଂ ବିଏସ୍ଏଫ୍ ପକ୍ଷରୁ ମିଳିତ ଭାବେ କମ୍ବିଂ ଅପରେଶନ ଜାରି ରହିଛି । ମାଓବାଦୀଙ୍କ ଗତିବିଧି ଉପରେ ସୁରକ୍ଷାବାହିନୀ ତୀକ୍ଷ୍ଣ ନଜର ରଖିଥିବା ବେଳେ ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଥିବା ସୂଚନା ଦେଇଛନ୍ତି ।





ଯୌବନକୁ ଏପରି କଟାଅ, ଯାହାକି ବୃଦ୍ଧ ସମୟରେ ଦୁଃଖୀ ହେବ ନାହିଁ ।

# ଆଜିକାଲି




ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି

## ବଢୁଛି ଘରୋଇ ହିଂସା

ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ପାର୍ଲିଆମେଂଟରେ ପ୍ରଣୟନ ହେବାର ଇତିମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରମ କରିସାରିଲାଣି । ଘର ଭିତରେ ମହିଳାଙ୍କୁ ହିଂସାରୁ ସୁରକ୍ଷା ଦେବା ପାଇଁ ଦୁଇ ଦଶନ୍ଧି ତଳେ ଅର୍ଥାତ ୨୦୦୫ ମସିହାରେ ଯେତେବେଳେ ଆଇନଟି ପାର୍ଲିଆମେଂଟରେ ସର୍ବସମ୍ମତ କ୍ରମେ ଗୃହିତ ହୋଇଥିଲା, ସେତେବେଳେ ଦେଶରେ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଏହା ଏକ ନିର୍ଣ୍ଣାୟକ ମୋଡ ନେଇଥିଲା । ଘର ଭିତରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ଅତ୍ୟାଚାର ନିର୍ଯ୍ୟାତନାକୁ ଅପରାଧ ଭୁକ୍ତ କରାଯିବା ସହ ପରିବାର ଭିତରେ ମହିଳାଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଏହି ଆଇନ ମଧ୍ୟ ମହିଳାଙ୍କ ପ୍ରତି ଶାରିରୀକ, ମାନସିକ, ଯୌନ ଏବଂ ଆର୍ଥୀକ ନିର୍ଯ୍ୟାତନାକୁ ଘରୋଇ ହିଂସା ଭାବେ ଆଇନରେ ସ୍ୱୀକୃତି ଦିଆଯାଇଥିଲା । ଆହୁରି ମଧ୍ୟ ଆଇନ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇବା ଥିବା ସେମାନଙ୍କ ଅଧିକାର ସମ୍ପର୍କରେ ଏବେ ବି ସଚେତନ ନଥିବା ମନେହୁଏ । କେତେକ ବିଶ୍ୱାସ କରନ୍ତି ଯେ, କେବଳ ଶାରିରୀକ ନିର୍ଯ୍ୟାତନା ମାଡ ହେଉଛି ଘରୋଇ ହିଂସା । ଏହା ମଧ୍ୟ ନିସନ୍ଦେହ ଯେ, ଗ୍ରାମାଚଂଳ ଏବଂ ଅବହେଳିତ ସମାଜରେ ପତ୍ନୀଙ୍କୁ ମାଡ ଘଟଣାରେ ଏହି ଆଇନ ସହାୟତା ପ୍ରଦାନ କରେ ନାହିଁ । କାରଣ ଗାଁ ଗହଳି ଦୁର୍ଗମ ଅଂଚଳରେ ଘରୋଇ ହିଂସା ଘର ଭିତରେ ସୀମାବଦ୍ଧ ହୋଇ ରହିଯାଏ । କାରଣ ମହିଳାମାନେ ନିର୍ଯାତନା, ମାଡ ନେଇ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ବା ଅଭିଯୋଗ କରିବା ପାଇଁ କୁଣ୍ଠିତ । ଏହାର ମୂଳକାରଣ ହେଉଛି ସାମାଜିକ, ଆର୍ଥୀକ ଦୁରାବସ୍ଥା ଏବଂ ସମର୍ଥନର ଅଭାବ ଆଶଙ୍କା ଆହୁରି ମଧ୍ୟ ଆଇନରେ ଥିବା ବ୍ୟବସ୍ଥା ତଥା ସୁରକ୍ଷା ନିର୍ଦ୍ଦେଶ, ଆର୍ଥୀକ ସହାୟତା ଏବଂ ଅଧିକାର ସତ୍ୱେ ପରିବାର ବିରୁଦ୍ଧରେ ଯିବା ଲାଗି ପିଡିତା ମହିଳା ଆଇନର ସହାୟତା ନେବା ଲାଗି ଆଗ୍ରହୀ ନୁହଁନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୫(୨୦୧୯-୨୧) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ଘରୋଇ ହିଂସା ବିରୁଦ୍ଧରେ ପଦକ୍ଷେପ ନେବା କ୍ଷେତ୍ରରେ ମହିଳାଙ୍କ ଅସହାୟତା ନେଇ ସଂକେତ ପ୍ରଦାନ କରୁଛି । ରିପୋର୍ଟରେ ପ୍ରକାଶ ପାଇଛି ଯେ, ଶାରିରୀକ କିମ୍ବା ଯୌନ ନିର୍ଯ୍ୟାତନାର ଶିକାର ମହିଳାଙ୍କ ମଧ୍ୟରୁ ମାତ୍ର ୧୪ପ୍ରତିଶତ ମହିଳା ଆଇନର ସହାୟତା ନେଇଥାନ୍ତି । ଏପରିକି ମାନସିକ କିମ୍ବା ଆର୍ଥୀକ ଗାଳିମନ୍ଦ ଘଟଣା ଅଭିଯୋଗରେ ଆଦୌ ଦୃଷ୍ଟିଗୋଚର ହୋଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁୟାରୀରୁ ମେ' ମାସ ମଧ୍ୟରେ ଜାତୀୟ ମହିଳା କମିଶନରେ ଦାୟର ହୋଇଥିବା ମାମଲାଗୁଡିକ ମଧ୍ୟରେ ଘରୋଇ ହିଂସା ଅଭିଯୋଗ ଶୀର୍ଷରେ ରହିଛି । ସେହିପରି ୨୦୨୪ରେ ଜାତୀୟ ମହିଳା କମିଶନଙ୍କ ନିକଟରେ ଦାଖଲ ହୋଇଥିବା ମୋଟ ଅଭିଯୋଗ ମଧ୍ୟରେ କେବଳ ଘରୋଇ ହିଂସା ହେଉଛି ୨୪ପ୍ରତିଶତ ବୋଲି କୁହାଯାଇଛି । ବହୁ ଅଭିଯୋଗ ଲୋକଲୋଚନକୁ ଆସିନଥିବା ବେଳେ ଦେଶରେ ମହିଳା ବିରୋଧୀ ହିଂସା କେତେ ବ୍ୟାପକ, ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏହା ନିସନ୍ଦେହ ଯେ, ତଥ୍ୟର ଅଭାବ ଏବଂ ଅଦାଲତରେ ବିଚାରଧୀନ ବା ପଡିରହିଥିବା ମାମଲାଗୁଡିକୁ ଏକତ୍ର କଲେ, ଦେଶରେ ଘରୋଇ ହିଂସା ବିରୋଧି ଆଇନ କାର୍ଯ୍ୟକାରିତା ଯେ, ସନ୍ତୋଷଜନକ ନୁହେଁ, ଏହା ସ୍ପଷ୍ଟ ସୂଚନା ପ୍ରଦାନ କରେ । ଦେଶର ବିଭିନ୍ନ ଅଦାଲତ ଗୁଡିକରେ ୨୦୨୨ସୁଦ୍ଧା ୪ଲକ୍ଷ ୭୧ହଜାର ମାମଲା ପଡି ରହିଥିବା କୁହାଯାଇଛି । ଯଦି ଅଦାଲତ ଗୁଡିକରେ ମାମଲାର ଦ୍ରୁତ ଫଇସଲା ନହୁଏ, ନ୍ୟାୟା ପାଇଁ ଲଢେଇ କରୁଥିବା ମହିଳାମାନେ ହୁଏତ ଓହରିଯିବା ଆଶଙ୍କାକୁ ଅଣଦେଖା କରାଯାଇ ନପାରେ । କଥାରେ ଅଛି 'ବିଳମ୍ବିତ ନ୍ୟାୟା ବିଡମ୍ବିତ ନ୍ୟାୟା' ଅର୍ଥାତ ବିଳମ୍ବିତ ନ୍ୟାୟ, ନ୍ୟାୟା ନୁହେଁ । ଅଦାଲତରେ ମାମଲାର ଦ୍ରୁତ ଫଇସଲା ସହ ଆଇନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ପ୍ରଚାର ସହ ମହିଳାଙ୍କ ମଧ୍ୟରେ ସଚେତନା ସୃଷ୍ଟି କରାଯିବା ଆବଶ୍ୟକ ।

## ମାନବ ତତ୍ତ୍ୱ : ଏକ ଚିନ୍ମୟ ଚେତନାର ମହାଗାଥା



◆ଜ୍ୟୋତିର୍ବିଦ ଅନ୍ନଦା ତ୍ରିପାଠୀ

ସୃଷ୍ଟିର ଅପାର ବିସ୍ତାର ମଧ୍ୟରେ ମଣିଷ ଏକ ଅଦ୍ଭୁତ ସତା । ପ୍ରକୃତିର ଅସଂଖ୍ୟ ଜୀବଜନ୍ତୁଙ୍କ ଭିତରେ ସେ କେବଳ ଏକ ପ୍ରାଣୀ ନୁହେଁ; ସେ ହେଉଛି ଚେତନା, ବିବେକ ଓ ଆତ୍ମାନୁସନ୍ଧାନର ଏକ ଅନନ୍ୟ ପ୍ରତୀକ । ମାଟିରେ ଗଢ଼ା ଏହି ନଶ୍ୱର ଦେହ ଭିତରେ ଯେଉଁ ଅବିନଶ୍ୱର ଜ୍ୟୋତି ଅବିରତ ପ୍ରଜ୍ୱଳିତ ହେଉଛି, ସେହି ଦିବ୍ୟ ଜ୍ୟୋତିର ଉପଲବ୍ଧି ହିଁ ମାନବ ତତ୍ତ୍ୱର ମୂଳ ସ୍ୱର । ମଣିଷକୁ ଯଦି କେବଳ ଦୃଶ୍ୟମାନ ଶରୀର ଦ୍ୱାରା ବିଚାର କରାଯାଏ, ତେବେ ତାହାର ପ୍ରକୃତ ପରିଚୟ ଅଧୁରା ରହିଯାଏ । ଶରୀରର ଜନ୍ମ ଅଛି, କ୍ଷୟ ଅଛି, ମୃତ୍ୟୁ ଅଛି; କିନ୍ତୁ ମଣିଷର ଅନ୍ତର୍ନିହିତ ଚୈତନ୍ୟ କାଳର ସୀମାକୁ ଅତିକ୍ରମ କରି ଅନନ୍ତ ଦିଗରେ ବ୍ୟାପ୍ତ । ଭାରତୀୟ ମନୀଷି ସେଥିପାଇଁ ମଣିଷର ସ୍ୱରୂପକୁ ଦେହରେ ନୁହେଁ, ଆତ୍ମାରେ ଖୋଜିଛନ୍ତି । ଶ୍ରୀମଦ୍ ଭଗବଦ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି— "ବାସାଂସି ଜୀର୍ଣ୍ଣାନି ଯଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି । ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ ଅନ୍ୟାନି ସଂୟାତି ନବାନି ଦେହୀ ?" -ଯେପରି ମଣିଷ ପୁରୁଣା ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରେ, ସେହିପରି ଆତ୍ମା ମଧ୍ୟ ଜୀର୍ଣ୍ଣ ଶରୀରକୁ ତ୍ୟାଗ କରି ନୂତନ ଶରୀର ଧାରଣ କରେ । ଏହି ଅନନ୍ତ ଯାତ୍ରାର ମଧ୍ୟରେ ଲୁକ୍କାୟିତ ଅଛି ମାନବ ଜୀବନର ଗୂଢ଼ ତତ୍ତ୍ୱ । ଆଧୁନିକ ଯୁଗରେ ମଣିଷ ବିଜ୍ଞାନର ଶିଖର ସ୍ପର୍ଶ କରିଥିଲେ ମଧ୍ୟ ନିଜ ଅନ୍ତରର ଗଭୀରତାକୁ ଅନୁଧ୍ୟାନ କରିବାରେ ଯେପରି ଅବହେଳା କରିଛି । ବାହ୍ୟ ସଫଳତାର ଆଢ଼ରେ ଅନ୍ତରର ଶୂନ୍ୟତା ଦିନକୁ ଦିନ ପ୍ରକଟ ହେଉଛି । ଐଶ୍ୱର୍ଯ୍ୟ ବଢୁଛି, କିନ୍ତୁ ଶାନ୍ତି କମୁଛି; ସମ୍ପଦ ବଢୁଛି, କିନ୍ତୁ ସନ୍ତୋଷ



ହଜିଯାଉଛି । ଏହାର କାରଣ ହେଉଛି, ମଣିଷ ନିଜର ବାହ୍ୟ ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଆତ୍ମାର ଆହ୍ୱାନକୁ ଅବହେଳା କରୁଛି । ଉପନିଷଦର ମହାବାକ୍ୟ— "ତତ୍ତ୍ୱମସି ?" ଅର୍ଥାତ୍, "ତୁମେ ସେହି ପରମତତ୍ତ୍ୱ ।" ଏହି ଘୋଷଣା ମଣିଷର ଅସୀମ ସମ୍ଭାବନାର ପରିଚୟ ବହନ କରେ । ମଣିଷ ନିଜ ଭିତରେ ଥିବା ଦିବ୍ୟତାକୁ ଯେତେବେଳେ ଅନୁଭବ କରେ, ସେତେବେଳେ ତାହାର ଜୀବନ କେବଳ ଜୀବିକାର ସଂଗ୍ରାମରେ ସୀମିତ ରହେ ନାହିଁ; ତାହା ହୋଇଉଠେ ଏକ ମହାନ ସାଧନା । ମାନବ ତତ୍ତ୍ୱର ପ୍ରକୃତ ସୌନ୍ଦର୍ଯ୍ୟ ମଣିଷର ମାନବୀୟ ଗୁଣରେ ପ୍ରତିଫଳିତ ହୁଏ । ଯେଉଁ ହୃଦୟରେ କରୁଣା ଅଛି, ସେଠାରେ ଈଶ୍ୱରୀୟ ଅନୁଗ୍ରହର ସ୍ପର୍ଶ ଅଛି । ଯେଉଁ ମନରେ କ୍ଷମା ଅଛି, ସେଠାରେ ମହାନତାର ବାସ । ଯେଉଁ ଜୀବନ ଅନ୍ୟର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ, ସେହି ଜୀବନ ହିଁ ପ୍ରକୃତ ଅର୍ଥରେ ସାର୍ଥକ । ସେଥିପାଇଁ ସଂସ୍କୃତ ସୁଭାଷିତମ୍ ରେ କୁହାଯାଇଛି- "ଅୟଂ ନିଜଃ ପରୋ ବେତି ଗଣନା ଲଘୁଚେତସାମ୍ । ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ?" ସଂକୀର୍ଣ୍ଣ ମନୋଭାବର ଲୋକମାନେ "ଏ ମୋର, ସେ ପର" ବୋଲି ଭାବନ୍ତି; କିନ୍ତୁ ଉଦାର ହୃଦୟର ମଣିଷଙ୍କ ପାଇଁ ସମଗ୍ର ପୃଥିବୀ ହେଉଛି ଏକ ପରିବାର । ବାସ୍ତବରେ, ମଣିଷର ଭିତରେ ଦେବତ୍ୱ ଓ ଦାନବତ୍ୱ—ଉଭୟର ବୀଜ ନିହିତ ରହିଛି । ବିବେକ, ସଂଯମ ଓ ସାଧନା ଦ୍ୱାରା ସେ ଦେବତ୍ୱର ଶିଖରକୁ ଆରୋହଣ କରିପାରେ; ପୁଣି ଲୋଭ, ଅହଙ୍କାର ଓ ସ୍ୱାର୍ଥପରତା ଦ୍ୱାରା ନିଜକୁ ଅନ୍ଧକାରର ଅତଳ ଗହ୍ୱରକୁ ନିକ୍ଷେପ କରିପାରେ । ଗୀତାର ଏକ ଅମର ବାଣୀ— "ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ । ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ?" ଅର୍ଥାତ୍ ମଣିଷ ନିଜେ ନିଜର ଉତ୍ଥାନର କାରଣ, ପୁଣି ନିଜେ ନିଜର ଅବନତିର ମୂଳ । ତେଣୁ ଆତ୍ମଶୁଦ୍ଧି ହିଁ ମାନବ ଜୀବନର ଶ୍ରେଷ୍ଠ ସାଧନା । ଆଜି ଯେତେବେଳେ ମାନବୀୟ ମୂଲ୍ୟବୋଧ କ୍ରମଶଃ କ୍ଷୀଣ ହେଉଛି, ସେତେବେଳେ ମାନବ ତତ୍ତ୍ୱର ଆଲୋକ ପୁନର୍ବାର ଆମକୁ ସ୍ମରଣ କରାଉଛି ଯେ, ମଣିଷ ହେବା ଏକ ସୌଭାଗ୍ୟ, କିନ୍ତୁ ପ୍ରକୃତ ମଣିଷ ହୋଇଉଠିବା ହେଉଛି ଏକ ସାଧନା । ଏହି ସାଧନାର ଅନ୍ତିମ ଲକ୍ଷ୍ୟ ହେଉଛି ନିଜ ଭିତରେ ଥିବା ଚିରନ୍ତନ ଜ୍ୟୋତିର ଅନୁଭବ । ସେଥିପାଇଁ ଯୁଗେ ଯୁଗେ ଋଷିମୁନିମାନଙ୍କର କଣ୍ଠରୁ ଧ୍ୱନିତ ହୋଇଆସିଛି ସେହି ପ୍ରାର୍ଥନା— "ଅସତୋ ମା ସଦ୍ଗମୟ । ତମସୋ ମା ଜ୍ୟୋତିର୍ଗମୟ । ମୃତ୍ୟୋର୍ମାଽମୃତଂ ଗମୟ ?" - ଅସତ୍ୟରୁ ସତ୍ୟକୁ, ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଦିବ୍ୟ ଆଲୋକକୁ ଏବଂ ନଶ୍ୱରତାର ସୀମାରୁ ଅମୃତତ୍ୱର ମହାସାଗରକୁ ଅଗ୍ରସର ହେବା ହିଁ ମାନବ ତତ୍ତ୍ୱର ପରମ ସନ୍ଦେଶ । ଏହି ଉପଲବ୍ଧି ହିଁ ମଣିଷକୁ ମୃଣ୍ମୟରୁ ଚିନ୍ମୟ, ସୀମିତରୁ ଅସୀମ ଏବଂ ଜୀବରୁ ଶିବ ଦିଗକୁ ଅଭିମୁଖୀ କରିଥାଏ ।

*'ବୃନ୍ଦାବନ ବିହାର'*
*ଜଗନ୍ନାଥପ୍ରସାଦ, ଗଞ୍ଜାମ ,*
*ମୋ-୯୯୩୮୫୭୮୪୫୪*

## ବିଶ୍ୱ ଏସଓଏସ୍ ଦିବସ

## କୋମଳମତି ଅସହାୟଙ୍କ ପାଇଁ ଦିନଟିଏ

◆ ତପସ୍ୱିନୀ ପଟ୍ଟନାୟକ



ପ୍ରତିବର୍ଷ ଜୁନ୍ ମାସ ୨୩ ତାରିଖକୁ ବିଶ୍ୱ ଏସ୍‌ଓଏସ୍ ଦିବସ ରୂପେ ପାଳନ କରାଯାଉଅଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକା ପରେ ୧୯୪୯ ମସିହା ଆଜିର ଦିନରେ ଡ.ହରମନ ଜେମିନ୍ ଅଷ୍ଟ୍ରେଲିଆର ପ୍ରଥମ ଏସ୍‌ଓଏସ୍ ଭିଲେଜ ସ୍ଥାପନ କରିଥିଲେ । ଏହି ଏସ୍‌ଓଏସ୍ ଭିଳେଜଗୁଡ଼ିକରେ ସମାଜରେ ଅବାଞ୍ଛିତ, ଅବହେଳିତ, ଅନାଥ ଶିଶୁମାନଙ୍କୁ ପରିବାରରେ ଆୟୁଧ ନେବା ପାଇଁ ସବୁରି କ୍ଷେତ୍ରରେ ପ୍ରୟାସ କରାଯାଇଥାଏ । ଜୁନ୍ ମାସ ୨୩ ତାରିଖକୁ ମଧ୍ୟ ହରମନ ହେମିନ୍‌ଙ୍କ ଜନ୍ମତିଥି ରୂପେ ବିଶ୍ୱରେ ବିଶ୍ୱ ଏସ୍‌ଓଏସ୍ ଦିବସ ରୂପେ ପାଳନ କରାଯାଏ । ସମଗ୍ର ବିଶ୍ୱର ୧୩୨ଟି ଦେଶରେ ଅନେକ ଏସ୍‌ଓଏସ୍ ଭିଲେଜ କାର୍ଯ୍ୟ କରିଥିବାବେଳେ ଭାରତରେ ୩୯ଟି ଏସ୍‌ଓଏସ୍ ଭିଲେଜ ରହିଛି । ସମାଜରେ ଆଦର୍ଶମୟ ତଥା ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଅନେକ ଅନୁଷ୍ଠାନ ଏହି ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାନ୍ତି । ଆଜିର ୟୁକ୍ରେନ-ଋଷ ଯୁଦ୍ଧ ଠାରୁ ଦକ୍ଷିଣ ଆଫ୍ରିକା, ସିରିଆ ଠାରୁ ଆଫଗାନିସ୍ଥାନ ବିଶ୍ୱର ବିଭିନ୍ନ ସ୍ଥାନରେ ଯେଉଁ ଭୟାବହ ଯୁଦ୍ଧ ବିଭୀସିକା ଦେଖାଦେଇଛି ସେଥିରୁ



କୋଟି କୋଟି ଅବହେଳିତ, ଅନାଥ, ଦେବଶିଶୁ ସୃଷ୍ଟି ହେଉଛନ୍ତି । ଯେଉଁମାନଙ୍କୁ ଆମେ କହୁ ସେମାନେ ହେଉଛି ଆଗାମି କାଲିର ଭବିଷ୍ୟତ । ଜାତିସଂଘ ଠାର ବିଭିନ୍ନ ଆନ୍ତର୍ଜାତିକ ସଙ୍ଗଠନ, ଦାତବ୍ୟ ସଂସ୍ଥା, ବିଭିନ୍ନ ଦେଶ ଓ ଅନେକ ସମୟରେ ଅନେକ ବ୍ୟକ୍ତିବିଶେଷ ଏମାନଙ୍କ ଥଇଥାନ ଓ ପ୍ରଗତି ପାଇଁ ସହାୟତା କରୁଛନ୍ତି । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି । ସବୁଠାରୁ ବଡ଼ ହେଉଛି ମାନବୀୟ ମୂଲ୍ୟବୋଧ । ମଣିଷ ପଣିଆ ହିଁ ଜୀବନର ଶ୍ରେଷ୍ଠ ଧର୍ମ, ଆଦର୍ଶ ଓ ବ୍ୟକ୍ତିତ୍ୱ । ସଂପ୍ରତି ସମାଜରେ ଅପରିଚିତ ଅବହେଳିତ ମାନଙ୍କ କ୍ଷେତ୍ରରେ ଦିନକୁ ଦିନ ଅତ୍ୟାଚାରର ଓ ଅମାନବିକତା ବଢ଼ି ଚାଲୁଥିବା ବେଳେ ଆଜିର ଦିନର ତାତ୍ପର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କାମନା କରୁଛୁ ।

*ଶିକ୍ଷାବିତ, ମହାନଦୀ ବିହାର, କଟକ*

## ଏହି ସମୟ ଦିନେ ବଦଳିଯିବ

◆ ଶ୍ରୀବତ୍ସ ନାୟକ

'ଏହି ସମୟ ଦିନେ ବଦଳିଯିବ' ହେଉଛି ଏକ ମାତ୍ର ଉକ୍ତି ଯାହା ଖୁବ୍ ହସ,ଉଲ୍ଲାସ,ଖୁସିରେ ଜୀବନ ବିତାଉଥିବା ବ୍ୟକ୍ତି ମନରେ ଦୁଃଖ ଭରିଦିଏ ଏବଂ ସେହି ସମାନ ଉକ୍ତି,ଦୁଃଖରେ ମ୍ରିୟମାଣ ହୋଇପଡ଼ି ଜୀବନ ହାରିବାକୁ ଯାଉଥିବା ବ୍ୟକ୍ତି ମନରେ ମଧ୍ୟ ନୂତନ ପ୍ରାଣ ସଂଚାର କରିବା ସହ ବଂଚିବାର ଆଶା ଉଜ୍ଜ୍ୱିତ ରଖିଥାଏ । ଖୁସିରେ ଥିବା ଲୋକଟି ହଠାତ୍ ଏହାକୁ ପଢ଼ିଦେଇ ମନେମନେ ଭାବେ ସତରେ କଣ ଏ ହି ସମୟ ମୋର ରହିବ ନାହିଁ ! ମୋର ହସ,ଖୁସି,ଧନ ସମ୍ପଦ,କଣ ସବୁ କୁଆଡେ ଉଭାନ୍ ହୋଇଯିବ ! ତେଣୁ ସେ କିଛି ସମୟ ପାଇଁ ସ୍ଥାଣୁ ପାଲଟିଯାଏ । ଅନୁରୂପ ଭାବେ ଜୀବନ ପ୍ରତି ବୀତସ୍ପୃହ ହୋଇପଡ଼ି ବଂଚିବାର ଆଶା ଛାଡ଼ି ଦେଇ ଆତ୍ମହତ୍ୟା ଭଳି ଘୃଣ୍ୟ କାର୍ଯ୍ୟ କରି ଜୀବନ ହାରି ଦେବାକୁ ଯାଉଥିବା ବ୍ୟକ୍ତି ଏହାକୁ ପଢ଼ି ମଧ୍ୟ ଚିନ୍ତା କରେ ଯେ ସତରେ କଣ ଏ ଖରାପ ସମୟ ମୋର ଅପସରି ଯିବ ! ମୋ ଜୀବନରେ ହସ ଖୁସି ପୁଣି ଫେରି ଆସିବ ! ମୋ ଜୀବନରୁ ଯନ୍ତ୍ରଣା ଉଭେଇଯାଇ ପୁନଶ୍ଚ ଏହା ହସଖୁସିରେ ଭରପୁର ହୋଇଯିବ ! ତେଣୁ ଏହି ଉକ୍ତି ପଢ଼ି ସାରିବା ପରେ ତାର ମଧ୍ୟ ବଂଚିବାର ଆଶା ପୁନର୍ଜୀବିତ ହୁଏ । ହଁ ଆଜ୍ଞା ସମୟ ବଡ଼ ବଳବାନ ଓ ପରିବର୍ତ୍ତନଶୀଳ । କାହାକୁ ଅପେକ୍ଷା କରେ ନାହିଁ । ଅବିରାମ ଗତିରେ ଚାଲିଛି । ପ୍ରଖର ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଗଲା ଭଳି ସମୟ ସ୍ରୋତରେ ମଣିଷ ଭାସି ଭାସି ଚାଲେ । କଥାରେ ଅଛି ଦେବ ଦଉଡ଼ି ମଣିଷ ଗାଇ । ଜେଣିକି ଟାଣଇ ତେଣିକି ଯାଇ । ତେଣୁ ସମୟ ବଦଳିବା କ୍ଷଣି ସବୁକିଛି ବଦଳିଯାଏ । ସମୟ କାହାକୁ କେତେବେଳେ ନେଇ କେଉଁଠି ପହଂଚାଇଥାଏ ତାହା କଳନା ମଧ୍ୟ କରିହୁଏନି ।ସମୟ ଆଗ ସମସ୍ତଙ୍କୁ ପରୀକ୍ଷା କରେ ଏବଂ ପରେ ଶିକ୍ଷା ଦିଏ । ଯିଏ ଶିକ୍ଷା ଲାଭ କରେ ତ ଠାରେ ମଣିଷତ୍ୱ ପ୍ରାପ୍ତ ହୁଏ । ଏ ସମାଜରେ ଆମେ ଦୁଇ ପ୍ରକାର ଗୋଷ୍ଠୀର ଲୋକଙ୍କୁ ଦେଖିବାକୁ ମିଳେ ଯଥା ହସ ଖୁସିରେ ଜୀବନ ବିତାଉଥିବା ଗୋଷ୍ଠୀ ଓ ଦୁଃଖରେ କାଳାତିପାତ କରୁଥିବା ଗୋଷ୍ଠୀ । ଅର୍ଥବଳ,ବାହୁବଳ,କ୍ଷମତାର ବଶବର୍ତୀ ହୋଇ ଅନେକ ଲୋକ ସାରାଜୀବନ ଖୁସିରେ ରହିଥାନ୍ତି । ଦୁଃଖ କଣ ସେ କେବେ ଜାଣନ୍ତି ନାହିଁ । ଅଭାବ ତାଙ୍କଠାରୁ ବହୁତ୍ ଦୂରରେ ।ସେମାନଙ୍କର ଆବଶ୍ୟକତା ସଙ୍ଗେସଙ୍ଗେ ପୂର୍ଣ୍ଣ ହୋଇଥାଏ । ସେମାନଙ୍କ ପକ୍ଷେ କେବେ କିଛି ଅସମ୍ଭବ ନଥାଏ । ସବୁ ଅସମ୍ଭବ ତାଙ୍କ ପକ୍ଷେ ସମ୍ଭବ । ଅଭେଦ୍ୟ ଦୁର୍ଗରେ ସେ ପ୍ରବେଶ କରିପାରନ୍ତି । ସେମାନେ ଯାହା ଚାହାନ୍ତି ତାହା କରନ୍ତି,ତେଣିକି କଳ,ବଳ କିମ୍ବା କୌଶଳ ହଉ । ଭୁଲ୍ ଠିକ୍ ର ବିଚାରଠାରୁ ସେମାନେ ବହୁତ୍ ଉର୍ଦ୍ଧରେ । ନ୍ୟାୟ ଅନ୍ୟାୟ ଓ ପାପ ପୁଣ୍ୟ ତାଙ୍କ ଜୀବନ ସମ୍ବିଧାନରେ ନଥାଏ । ପ୍ରାଚୂର୍ଯ୍ୟରେ ଭରପୁର ହୋଇଥାଆନ୍ତି ସେମାନେ ।ଅମାପ ଅର୍ଥର ଅଧିକାରୀ ହୋଇ ଅହଙ୍କାରର ବଶବର୍ତୀ ହୋଇ ସେମାନେ ସମାଜରେ ନିଜର ହିତାହିତ ଜ୍ଞାନ ଭୁଲିଯାଆନ୍ତି । ଅନ୍ୟ ଅପେକ୍ଷା ସେମାନେ ନିଜକୁ ବେଶୀ ଭଲ ପାଆନ୍ତି । ଅନ୍ୟମାନଙ୍କୁ ହୀନ ଓ ଘୃଣ୍ୟ ଚକ୍ଷୁରେ ଦେଖିଥାନ୍ତି । ପରୋପକାର ସେବା କେବେ ସେମାନେ କରନ୍ତି ନାହିଁ । ସେମାନେ ଯାହା କରନ୍ତି ସବୁ ଠିକ୍ । କିନ୍ତୁ ସମୟ ଆସିଲେ ଏ ସବୁ ବଦଳିଯାଏ । ପରିବର୍ତନ ହେଉଛି ସଂସାରର ନିୟମ । କ୍ଷମତା,ଧନ,ଜୀବନ,ଯୌବନ ଏ ସବୁ କ୍ଷଣସ୍ଥାୟୀ । ହଠାତ୍ ଆସିବ ଓ ଆଖି ପିଛୁଳାକେ ମଧ୍ୟ ଅପସରି ଯିବେ । ଅନ୍ୟର ଅନିଚ୍ଛା ସତ୍ୱେ ମଧ୍ୟ ଏ ସବୁ ଚାଲିଯିବ । କେହି ଚାହିଁଲେ ମଧ୍ୟ ଏ ସବୁକୁ ଅଟକାଇ ହେବ ନାହିଁ । ଏଇ ଯେମିତି ଓଡ଼ିଶା ରାଜ୍ୟ ରାଜନୀତିରେ ଦୀର୍ଘ ୨୫ ବର୍ଷ ଧରି ରାଜ୍ କରୁଥିବା ବିଜୁ ଜନତା ଦଳର ପରାଜୟ ସହ ନବୀନ ଯୁଗର ଅନ୍ତ ହେଲା । କ୍ଷମତାକୁ କେହି ବେଶୀ ଦିନ ଧରି ରଖିପାରିବେ ନାହିଁ ।ଏକଦା ଏକ ସମୟ ଥିଲା ବିଜୁ ଜନତା ଦଳ କ୍ଷମତାର ଆସନ ଆରହଣ କରିଥିଲା କିନ୍ତୁ ଆଜି ସେ ସିଂହାସନ ଆଉ କାହା ଅକ୍ତିଆରରେ ଅଛି । ହଁ ଆସନ୍ତାକାଲି ମଧ୍ୟ ଏହା କାହା ହାତକୁ ଚାଲିଯାଇପାରେ । ବେଶ୍ୟାର ପ୍ରୀତି ଓ ପ୍ରଣୟରେ ହୁଏତ କେତେକାଂଶରେ ସ୍ଥିରତା ଥାଇପାରେ ସତ କିନ୍ତୁ ରାଜନୀତିରେ କିଛି ସ୍ଥିରତା ନାହିଁ । ନିର୍ବାଚନରେ ଜୟ ଓ ପରାଜୟ ଏକ ପ୍ରକ୍ରିୟା ମାତ୍ର । ଆମ୍ଭେ ନିର୍ବାଚନରେ ଜୟଲାଭ କରି ଅତ୍ୟଧିକ ଆତ୍ମବିଭୋର ହେବାନାହିଁ କିମ୍ବା ପରାଜୟର ଗ୍ଲାନିରେ ଭାଙ୍ଗି ନପଡ଼ି,ପରାଜୟର କାରଣ ଖୋଜିବା,ଆତ୍ମସମୀକ୍ଷା କରିବା ଏବଂ ନିଜକୁ ପରବର୍ତୀ ସମୟ ପାଇଁ ପ୍ରସ୍ତୁତ କରିବା ହିଁ ବିଜ୍ଞତାର ପରିଚୟ ହେବ । ଅଷ୍ଟାଦଶ ଓଡ଼ିଶା ରାଜ୍ୟ ବିଧାନସଭା ନିର୍ବାଚନ ୨୦୨୪ରେ ପରାଜୟ ସହ ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ତଥା ଓଡ଼ିଶା ରାଜନୀତିର ଜନନାୟକ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଯୁଗର ଏକ ପ୍ରକାର ଅନ୍ତ ଘଟିଲା । ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ଭାବେ ପିତାଙ୍କର ଦେହାନ୍ତ ପରେ ଅର୍ଥାତ୍ ୫୦ ବର୍ଷ ବୟସରେ ରାଜନୀତିରେ ପାଦ ଥାପିଥିବା ନବୀନ ରାଜନୀତି କ୍ଷେତ୍ରରେ ବନିଗଲେ ଅପ୍ରିତିଦ୍ୱନ୍ଦୀ,ଅପରାଜୟ ଏବଂ ଓଡ଼ିଶାବାସୀଙ୍କ ଅତି ଆପଣାର । ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ସାରସ୍ୱତ ସାଧକ ଥିବା ନବୀନ ଯେ ରାଜନୀତିର ଜଣେ ବାଦଶାହ୍ ପାଲଟିଯିବେ ଏହା କେହି କଳନା ହିଁ କରିନଥିଲେ । ଆପଣ(ନବୀନ ବାବୁ) ଯେତେବେଳେ ଓଡ଼ିଶା ଆସିଲେ ସେତେବେଳେ ଓଡିଶାବାସୀ ଆପଣଙ୍କୁ ଅନେକ ଟାହି ଟାପରା କରିଥିଲେ । ବୁଟ୍,ସୁଟ,ଟାଇ ପିନ୍ଧା ବିଲାତ ଫେରନ୍ତା ବାବୁ କଣ ଆମ ଭଳି ଗରିବ ରାଜ୍ୟବାସୀଙ୍କର ଶାସନ ଭାର ଗ୍ରହଣ କରିପାରିବେ ? ଭୋକର ଭୂଗୋଳ ପାଲଟିଥିବା ଓଡ଼ିଶାର ଗରିବ ଖଟିଖିଆଙ୍କ ସହ କଣ ଏ କଥା ହୋଇପାରିବେ ? ସେ ନିପଟ ମଫସଲ ଗାଁର ଦୁଃଖ କଣ ବା ଜାଣିବେ ? ବିଲାତ ଫେରନ୍ତା ବାବୁ କଣ ଓଡ଼ିଶା ବାସୀଙ୍କର ଉନ୍ନତ କରିବେ ? ସେ କାହୁଁ ଜାଣିବେ ଆମର ଦୁଃଖ ? ଏହିପରି ନବୀନ ପଟ୍ଟନାୟକଙ୍କୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା,ହେଲେ ପରେ ଯାହା ହେଲା ତାହା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷୟରରେ ଲିପିବଦ୍ଧ ହୋଇ ରହିଗଲା । ୧୯୯୯ ମସିହାର ପ୍ରଳୟଙ୍କରୀ ମହାବାତ୍ୟାରେ ଓଡ଼ିଶାବାସୀ ଜୀବନ ଜୀବିକା ହରାଇ ବଂଚିବା ପାଇଁ ସଙ୍ଘର୍ଷ କରୁଥିବା ଦୃଶ୍ୟକୁ ଆପଣ ଅଙ୍ଗେ ନିଭାଇଛନ୍ତି । ଅନୁଭବ କରିଛନ୍ତି ଲୋକଙ୍କର ଦୁଃଖକୁ । ସେ ସମୟର ଲୋକମାନଙ୍କର ହୃଦୟ ବିଦାରକ ଦୃଶ୍ୟ ଆପଣଙ୍କ ମନକୁ ବ୍ୟଥିତ କରିଥିଲା । ନିଜ ମନ ଭିତରେ ବାଛି ନେଇଥିଲେ ଓଡ଼ିଶାବାସୀଙ୍କର ସେବା କରିବା ପାଇଁ । ସେହି ଦିନଠାରୁ ଅର୍ଥାତ୍ ୨୦୦୦ ମସିହାରୁ ଓଡ଼ିଶାର ଶାସନ ଭାରକୁ ନିଜ କାନ୍ଧରେ ନିରବଚ୍ଛିନ୍ନ ଭାବେ ବହନ କରି,ପ୍ରାକୃତିକ ଦୁର୍ବିପାକ,ଚାଷୀ ଆତ୍ମହତ୍ୟା,କେନ୍ଦ୍ର ସରକାରଙ୍କର ଅବହେଳା,ବିଶ୍ୱ ମହାମାରୀ କୋରୋନା,ମରୁଡି ସମସ୍ୟା,ବେକାରୀ ସମସ୍ୟାରେ ଓଡ଼ିଶା ଜୁଝି ହେଉଥିବା ବେଳେ ଆପଣଙ୍କର ଯଥୋଚିତ ନିଷ୍ପତି ଓଡ଼ିଶାବାସୀଙ୍କୁ ସାହସ ଯୋଗାଇଛି । ଦିନେ ଭୋକରେ ଭୂଗୋଳ ପାଲଟିଥିବା ଓଡ଼ିଶା ଆଜି ଖାଦ୍ୟ ଶସ୍ୟର ଉତ୍ପାଦନରେ ବଳକା ରାଜ୍ୟ ଭାବେ ପରିଗଣିତ ହେଉଛି । ଏକ ଦୀର୍ଘସ୍ଥାୟୀ ସୁବ୍ୟବସ୍ଥା ମାଧ୍ୟମରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ, କୃଷି, ଶିଳ୍ପ, ପ୍ରାଣୀସମ୍ପଦର ବିକାଶ କ୍ଷେତ୍ରରେ ଆପଣଙ୍କ ଅକୁଣ୍ଠ ଅବଦାନ ଯୋଗୁଁ ସେଦିନର ଗରିବ ଓଡ଼ିଶା ଆଜି ନବୀନ ଓଡ଼ିଶାକୁ ରୂପାନ୍ତରିତ ହୋଇଛି । ଏମିତି କେତେ ମୁଖ୍ୟମନ୍ତ୍ରୀ ଆସିବେ କେତେ ଯିବେ । କିନ୍ତୁ ଓଡ଼ିଶାବାସୀଙ୍କ ମନରୁ ଆପଣ କେବେ ଅପସରି ଯିବେନି । ୨୦୨୪ ସାଧାରଣ ନିର୍ବାଚନର ପରାଜୟ ସହ ଆପଣ ମୁଖ୍ୟମନ୍ତ୍ରୀ ପଦରୁ ହଟିଯାଇଛନ୍ତି ସତ କିନ୍ତୁ ଆପଣଙ୍କର ସ୍ୱଚ୍ଛ ଭାବ ମୂର୍ତୀ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ଆପଣ ଓଡ଼ିଶାବାସୀଙ୍କ ପାଇଁ ବହୁତ୍ କିଛି କରିଛନ୍ତି । ଓଡ଼ିଶାର ଉନ୍ନତି କ୍ଷେତ୍ରରେ ଆପଣଙ୍କର ଅବଦାନ ଅବର୍ଣ୍ଣନୀୟ । ଆମ ସମସ୍ତଙ୍କ ହୃଦୟରେ ଆପଣଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଟିଏ ଅଛି । ଯିଏ ଯେଉଁ ଦଳକୁ ସମର୍ଥନ କରନ୍ତୁ ପଛେ ଆପଣ କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ,ଓଡ଼ିଶା ବାସୀଙ୍କର ମୁଖ୍ୟମନ୍ତ୍ରୀ ଥିଲେ ଆଉ ଏବେ ବି ଆମ ମାନସରେ ସେହି ପଦରେ ଅଛନ୍ତି । ବିଜୟରେ ଉଲ୍ଲସିତ କିମ୍ବା ପରାଜୟରେ ଭାଙ୍ଗିପଡିବା ବ୍ୟକ୍ତି ଅନ୍ତତଃ ପକ୍ଷେ ଆପଣ ନୁହନ୍ତି । ଆପଣଙ୍କ ଦଳ ପରାଜୟ ବରଣ କରିଛି କିନ୍ତୁ ଆପଣ ଓଡ଼ିଶାବାସୀଙ୍କ ହୃଦୟକୁ ଜୟ କରିଛନ୍ତି ।ଅନେକ ଥର ଆମ୍ଭେ ଭାବ ବିହ୍ୱଳ ହୋଇ ଆମ୍ଭ ପସନ୍ଦର କୌଣସି ଲୋକଙ୍କୁ ଏ ଦୁନିଆ ଛାଡ଼ିଲେ କିମ୍ବା ନିଜ କର୍ମମୟ ଜୀବନରୁ ସନ୍ନ୍ୟାସ ନେଲେ ଆମ୍ଭେ କହୁ ଗୋଟେ ଯୁଗର ଅନ୍ତ ଘଟିଲା । ଠିକ୍ ସେହିପରି ଆପଣଙ୍କର ପରାଜୟ ସହ ଓଡ଼ିଶାରେ ଏକ ସୁବର୍ଣ୍ଣ ଯୁଗର ଅନ୍ତ ଘଟିଲା । ଆପଣଙ୍କର ସେ ଧୋବ ଫରଫର ପଞ୍ଜାବୀ କୁର୍ତା ପାଇଜାମା,କୋଲ୍ହାପୁରୀ ଚପଲ ପିନ୍ଧା ଦୃଶ୍ୟ ଆଉ ଦେଖିବାକୁ ମିଳି ନପାରେ । ଆପଣଙ୍କର କୌତୁକିଆ କଥା ଆପଣ ମାନେ ଖୁସି ତ ? ଆଉ ଆଜିଠୁ ଶୁଭିବ ନାହିଁ ? ମୋ ଓଡ଼ିଶା ନବୀନ ଓଡ଼ିଶା ସଂକଳ୍ପ ଆପଣଙ୍କର ଅଧୁରା ରହିଗଲା । ଓଡିଶାରୁ ଏକ ନମ୍ବର ରାଜ୍ୟ କରିବାପାଇଁ ଆପଣ ଦେଇଥିବା ପ୍ରତିଶ୍ରୁତି ଅଧାରେ ଅଟକିଗଲା । ଓଡ଼ିଶାକୁ ସଫଳତାର ଶୀର୍ଷରେ ପହଂଚାଇବା ପାଇଁ ଦୀର୍ଘ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଓଡ଼ିଶାବାସୀଙ୍କ ଭାବାବେଗ ସହ ଜଡ଼ିତ ହୋଇଥିଲେ । ଅନେକ ଘାତ ପ୍ରତିଘାତ ସତ୍ୱେ ଆପଣଙ୍କର ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ସୁ-ଶାସନ ଆମକୁ ପ୍ରେରଣା ଯୋଗାଇଛି । ଆପଣଙ୍କର ଠାରୁ ଆପଣଙ୍କର ବ୍ୟକ୍ତିତ୍ୱ ତଥା ଆପଣଙ୍କର ଆଦର୍ଶବାଦ ଗୁଣ ଆଗରେ ଆମ୍ଭେ ସମସ୍ତେ ନତମସ୍ତକ । ଆପଣଙ୍କର ସରଳ ନିରାଡମ୍ବର ଜୀବନ ଯାପନ ଆମ ପାଇଁ ଆଦର୍ଶ ।ନୂତନ ଓ ଉନ୍ନତ ଓଡ଼ିଶା ଗଠନ ପାଇଁ ଆପଣଙ୍କର ବଳିଦାନ ଓ ପ୍ରତିଦାନ ଆମ୍ଭ ମନରେ ଅଛି ।ଆପଣ ଆମ୍ଭ ପରିବାରର ସଦସ୍ୟ । ସର୍ବଦା ସାଢ଼େ ଚାରି କୋଟି ଓଡ଼ିଶା ବାସୀ ମୋର ପରିବାରର ନାରା ଆପଣ ଦେଉଥିଲେ । ହଁ ଆଜ୍ଞା ଆପଣ ଜିତିଲେ ବି ଆମ ପରିବାରର ସଦସ୍ୟ,ହାରିଲେ ବି ଆମ ପରିବାରର । ଆପଣ ଆମ୍ଭ ସହ ଥିଲେ ରହିବେ ମଧ୍ୟ । ଆପଣ ଆମ୍ଭ ଓଡ଼ିଶାକୁ ବିଶ୍ୱ ସ୍ତରରେ ପରିଚୟ ଦେଇଥିବାରୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ୍ । ଆପଣ କେବଳ ଜଣେ ମୁଖ୍ୟ ମନ୍ତ୍ରୀ ନଥିଲେ ବରଂ ଆମ୍ଭର ଆବେଗ ଥିଲେ ଦୁଃଖ ସମୟର ସାଥିଥିଲେ । ଜାଗ୍ରତ ଓଡ଼ିଶାର ପ୍ରହରୀ ଥିଲେ । ଆମ୍ଭେ ପରବର୍ତୀ ପିଢ଼ିଙ୍କୁ କହୁଥିବୁ ଏ ଯେଉଁ ଆଧୁନିକ ଓଡ଼ିଶା ଦେଖୁଛ ତାହାର ମୂଳଦୁଆ ବା ଭିତିପ୍ରସ୍ତର ଜଣେ ଜନପ୍ରିୟ ମୁଖ୍ୟମନ୍ତ୍ରୀ ରଖିଥିଲେ,ସେ ହେଉଛନ୍ତି ନବୀନ ପଟ୍ଟନାୟକ । ଏହା କେବେ ଆମ୍ଭେ ଗ୍ରହଣ କରି ପାରୁନାହିଁ ଯେ ଆପଣ ଆଜି ମୁଖ୍ୟମନ୍ତ୍ରୀ ଆସନରେ ନାହାନ୍ତି । ଆଜି ଓଡ଼ିଆମାନେ ହୀରା ଖୋଜି ଖୋଜି ପଥର ପାଇଲେ ପ୍ରକୃତ ହୀରାକୁ ହଜାଇଦେଲେ । ଓଡ଼ିଶାର ଭୋଟରମାନେ ପରିବର୍ତନ ଚାହୁଁଥିଲେ ତାଙ୍କ ମତଦାନ ଅନୁସାରେ ସରକାର ପରିବର୍ତନ ହେଲା ସତ କିନ୍ତୁ ସେମାନେ ଜାଣିନଥିଲେ ଯେ ପରିବର୍ତନ ଏତେ ଦୁଃଖଦାୟକ ହୋଇଯିବ ବୋଲି । ପରିବର୍ତନ କରି ସେମାନେ ବହୁତ୍ ଅନୁତପ୍ତ କରୁଛନ୍ତି । ରାଜ୍ୟ ରାଜଧାନୀର ଖୋଲା ରାସ୍ତାରେ ଯିବାବେଳେ ମୋ ବସ୍,ମିଶନ ଶକ୍ତି କାଫେ, କଳିଙ୍ଗ ଷ୍ଟାଡିୟମ୍,ଏୟାରପୋର୍ଟ, ଚାକଚକ୍ୟ ବରମୁଣ୍ଡା ବସ୍ ଷ୍ଟାଣ୍ଡ ,ପାର୍କ,ଲିଙ୍ଗରାଜ ମନ୍ଦିର, ଆହାର କେନ୍ଦ୍ର,ଡାକ୍ତରଖାନା ଇତ୍ୟାଦି ଦେଇ ଗଲାବେଳେ ନିଶ୍ଚିତ ମନେ ପଡ଼ିବ ଆପଣଙ୍କ କଥା । ସାର୍ ଆପଣଙ୍କ ଅତୀତରେ ବିତିଯାଇଥିବା ଦୀର୍ଘ ୨୫ ବର୍ଷର ନିଷ୍ପାପର ସେବା ଓ ତ୍ୟାଗ ଓଡ଼ିଶାର ଇତିହାସରେ ଲିପିବଦ୍ଧ ହୋଇ ସର୍ବଦା ରହିବ କ୍ଷ ଆପଣଙ୍କ ଅତୁଳନୀୟ ନେତୃତ୍ୱ ଏବଂ ଓଡ଼ିଶାକୁ ସର୍ବୋତମ ସେବା ଯୋଗାଇ ଦେଇ ଆମ୍ଭ ଓଡ଼ଶାକୁ ବିଶ୍ୱ ଦରବାରରେ ପହଂଚାଇ ଆପଣ ପ୍ରତ୍ୟେକଟି ଓଡ଼ିଆଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଦେଇଛନ୍ତି । ଦୀର୍ଘ ୨୫ ବର୍ଷର ଶାସନ ପରେ ବି ଯଦି ଆପଣଙ୍କୁ ବିରୋଧୀମାନେ ପ୍ରଶଂସା କରୁଛନ୍ତି ତାହାଲେ ଆପଣ ଓଡିଶା ପାଇଁ ବହୁତ କିଛି କରିଛନ୍ତି । ଜନ ସାଧାରଣମାନେ ଆପଣଙ୍କୁ ସେମାନଙ୍କର ସେବା କରିବାକୁ ସୁଯୋଗ ଦେଇଥିଲେ ତେଣୁ ଆପଣ ସେବା କରୁଥିଲେ । ଏବେ ସମୟ ବଦଳିଗଲା ଜନସାଧାରଣମାନେ ବିକଳ୍ପ ଚିନ୍ତା କଲେ ତେଣୁ ଏଥିରେ ଭାଙ୍ଗି ପଡ଼ିବାର କିଛି ନାହି । ଅନେକ ଝଡ଼ରୁ ଓଡିଶାବାସୀଙ୍କୁ ରକ୍ଷା କରୁଥିବା ଲୋକ ଆଜି ଗୋଟିଏ ମାତ୍ର ଝଡ଼ରେ ଟଳିପଡ଼ିବ ତାହା କେବେ ବିଶ୍ୱାସ ଯୋଗ୍ୟ ନୁହେଁ । ସେ ଯାହା ବି ହେଉ ନା କାହିଁକି ଉତାନ ପତନ ଜୀବନର ଏକ ଅଂଶ ବିଶେଷ । ସମୟ କାହାକୁ ଉପରକୁ ଉଠେଇବା ତ କେତେବେଳେ କାହାକୁ ତଳକୁ ଖସେଇବ । ସମୟକୁ ଧର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ । ପୁଣି ସବୁ ସ୍ୱାଭାବିକ ହେବ । ପୃଥିବୀ ବୁଲୁଛି,ଆଜି ଯିଏ ଅନ୍ଧାର ପାର୍ଶ୍ୱରେ ଅଛି କାଲି ତା ପାଇଁ ଆଲୋକ ଦୁରନ୍ତ ଦିଗବଳୟରୁ ନିଶ୍ଚିତ ଦୃଶ୍ୟମାନ ହେବ । ଏହା ହିଁ ତ ସମୟ । ଇତିହାସ ସାକ୍ଷୀ ଅଛି ରାତି ପାହିଲେ ରାଜା ହେବାକୁ ଯାଉଥିବା ଲୋକଙ୍କୁ କଣ ୧୪ ବର୍ଷ ବନବାସ ଭୋଗିବାକୁ ପଡିଥାନ୍ତା ? ଏହା ସବୁ ସମୟର ଖେଳ । ଏହିଭଳି ଏକ ମୁହୂର୍ତରେ ଆମ୍ଭେ ଆପଣଙ୍କର ସୁସ୍ଥ ନିରାମୟ ଏବଂ ଦୀର୍ଘ ଜୀବନ ପାଇଁ ଭଗବାନଙ୍କୁ ସର୍ବଦା ପ୍ରାର୍ଥନା କରୁଛି । ଅପେକ୍ଷା କରିଛୁ କେବେ ଏହି ସମୟର ଅନ୍ତ ଘଟିବ ।

*ଅଧ୍ୟାପକ,ବାଣିଜ୍ୟ ବିଭାଗ,କଟକ,ମୋ : ୯୪୩୮୦୭୦୮୪୯*





**ପରଲୋକ ଅବସରରେ**

# ‘ଭାରତ ରତ୍ନ’ ଭିଭି ଗିରି

ଭାରତର ଚତୁର୍ଥ ରାଷ୍ଟ୍ରପତି ଭିଭି ଗିରିଙ୍କୁ ୧୯୭୫ରେ ଭାରତ ରତ୍ନରେ ସମ୍ମାନିତ କରା ଯାଇଥିଲା । ତାଙ୍କର ପୁରା ନାମ ବରାହଗିରି ଭେଙ୍କଟ ଗିରି । ୨୪ ଅଗଷ୍ଟ ୧୯୬୯ରୁ ୨୩ ଅଗଷ୍ଟ ୧୯୭୪ ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ଆସନରେ ବସିଥିଲେ । ୧୦ ଅଗଷ୍ଟ ୧୮୯୪ରେ ବ୍ରହ୍ମପୁରର ଏକ ନିୟୋଗୀ ତେଲୁଗୁ ବ୍ରାହ୍ମଣ ପରିବାରରେ ସେ ଜନ୍ମ ହୋଇ ଥିଲେ । ତାଙ୍କ ପିତା ଯୋଗୀୟା ପାନ୍ତଲୁ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ । ସେ ଥିଲେ ଆଧୁନିକ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପୂର୍ବ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ଚିନ୍ତଲାପଲ୍ଲୀର ମୂଳ ବାସିନ୍ଦା । ଭେଙ୍କଟ ଗିରି ଆୟାରଲାଣ୍ଡର ୟୁନିଭରସିଟି କଲେଜ ଡବ୍‌ଲିନ୍‌ରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ଆଇରିସ୍ ରାଜନୈତିକ ଦଳ ଦିନ୍ ଫେନ୍ ସହ ସକ୍ରିୟ ସଂପର୍କ ଯୋଗୁଁ ୧୯୧୮ରେ ତାଙ୍କୁ ସେଠାରୁ



ବିତାଡ଼ିତ କରାଯାଇଥିଲା । ଭାରତ ଫେରିବା ପରେ ଶ୍ରମିକ ଆନ୍ଦୋଳନ ସହ ସଂପୃକ୍ତ ହୋଇଥିଲେ । ସେ ଦୁଇ ଦୁଇ ଥର ଅଲ୍ ଇଣ୍ଡିଆ ଟ୍ରେଡ୍ ୟୁନିଅନ୍ କଂଗ୍ରେସର ସଭାପତି ନିର୍ବାଚିତ ହୋଇଥିଲେ । ଭାରତ ସ୍ୱାଧୀନ ହେବା ପରେ ତାଙ୍କୁ ସିଲୋନ୍‌ର ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ମିଳି ଥିଲା । ୧୯୫୨ରେ ସେ ପାତପଟନମ ଲୋକସଭା ଆସନରୁ ବିଜୟୀ ହୋଇ ନେହରୁ ସରକାରରେ ଶ୍ରମ ମନ୍ତ୍ରୀ ହୋଇ ଥିଲେ । ୧୯୫୪ରେ ସେ କେନ୍ଦ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଦୁଇବର୍ଷ ପରେ ତାଙ୍କୁ ଉଲର ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତ କରା ଯାଇଥିଲା । ୧୯୬୭ରେ ଭେଙ୍କଟ ଗିରି ଭାରତର ତୃତୀୟ ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ମେ ୧୯୬୯ରେ ରାଷ୍ଟ୍ରପତି ଜାକିର ହୁସେନଙ୍କ ପରଲୋକ ହେବାରୁ ସେ କାମଚଳା ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରି ଥିଲେ । ସେହି ବର୍ଷ ହୋଇ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥ ଭାବେ ନିର୍ବାଚନ ଲଢ଼ି ଥିଲେ । ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ କଂଗ୍ରେସ ପ୍ରାର୍ଥୀ ନୀଲମ ସଂଜିବ ରେଡ୍ଡୀ ଓ ସିଡ଼ି ଦେଶମୁଖ । ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କୂଟନୀତିଜ୍ଞ ସମର୍ଥନ ଲାଭ କରି ଭେଙ୍କଟ ଗିରି ନିର୍ବାଚିତ ହୋଇ ଥିଲେ । ଭାରତର ଶ୍ରମିକ ସମସ୍ୟା ଓ ଶିଳ୍ପ ଆଦି ସଂପର୍କରେ ସେ ଗୁଡ଼ିଏ ପୁସ୍ତକ ରଚନା କରିଥିବା ଜଣାଯାଏ । ୧୯୮୦ ଜୁନ୍ ୨୩ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା ।

## ଶ୍ରୀ ଶ୍ରୀ ହନୁମାନଜୀୟୁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଭଦ୍ରକ : (ହି.ସ.) - ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଂଚାୟତର ବଳଭଦ୍ରପୁର-ଓଲଟୁଙ୍ଗା ଗ୍ରାମରେ ଶ୍ରୀ ଶ୍ରୀ ହନୁମାନଜୀୟୁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ତିନି ଦିନ ବ୍ୟାପୀ ଏହି ଧାର୍ମିକ କାର୍ଯ୍ୟକ୍ରମର ପ୍ରଥମ ଦିନରେ କାକୁଡ଼ା ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ, ଦ୍ୱିତୀୟ ଦିନରେ ଭବ୍ୟ କଳସ ଶୋଭାଯାତ୍ରା ସହ ଯଜ୍ଞାନୁଷ୍ଠାନ ଏବଂ ତୃତୀୟ ଦିନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନଙ୍କ ସକ୍ରିୟ ସହଯୋଗରେ ଉତ୍ସବ ସଫଳତାର ସହ ପାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକର ଯୁବ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ଶିତାଂଶୁ ଶେଖର ମହାପାତ୍ର ଯୋଗଦେଇ ହନୁମାନଜୀୟୁଙ୍କ ଆଶୀର୍ବାଦ କାମନା କରିବା ସହ ଗ୍ରାମର ସାମାଜିକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନପ୍ରତିନିଧି, ସମାଜସେବୀ ଓ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଧାର୍ମିକ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ‘ସାଇବର ଲ’ ଆଣ୍ଡ୍ ଡିଜିଟାଲ୍ ଗଭର୍ଣ୍ଣେସ୍’ ଶୀର୍ଷକ ଆଲୋଚନାଚକ୍ର

ବଲାଙ୍ଗିର : (ହି.ସ.)ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ପକ୍ଷରୁ ତଥା ଛତିଶଗଡ଼ର ରାୟପୁର ସ୍ଥିତ କଳିଙ୍ଗ ୟୁନିଭରସିଟି ସହଯୋଗରେ ଆଜି ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍ ଠାରେ ’ସାଇବର୍ ଲ ଆଣ୍ଡ ଡିଜିଟାଲ ଗଭର୍ଣ୍ଣେସ୍’ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବରିଷ୍ଠ ଆଇନଜୀବୀ ତଥା ସେମିନାର କମିଟିର ଆବାହକ ଜୟକୃଷ୍ଣ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସାଇବର ଲ’ ର ବିଭିନ୍ନ ଆଇନଗତ ପର୍ଯ୍ୟାୟ ଓ ପ୍ରୟୋଗ ଉପରେ ଆଲୋକପାତ କରିଥିଲେ । ମଂଚାସୀନ ବକ୍ତା ଭାବରେ କଳିଙ୍ଗ ୟୁନିଭରସିଟି ର ଏସୋସିଏଟ୍ ପ୍ରଫେସର ଡ. ପାୟଲ ବୋହିରା ଯୋଗ ଦେଇ ସାଂପ୍ରତିକ ଡିଜିଟାଲ ଯୁଗରେ ସଇବର୍ କ୍ରାଇମ୍ ବୃଦ୍ଧି ପାଉଥିବା ବେଳେ ଜନସାଧାରଣ ସଚେତନତାପୂର୍ବକ ଏହାଠାରୁ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ଏବଂ ଏ ନେଇ କଣ ସବୁ ପ୍ରଚଳିତ ଆଇନ ରହିଛି ସେ ସଂପର୍କରେ ବିସ୍ତୃତ ବୁଝାଇଥିଲେ । ଆଜିର ଯୁଗରେ ମେନୁଆଲ୍ ସିଷ୍ଟମ ପରିବର୍ତ୍ତେ ପ୍ରତ୍ୟକ କାର୍ଯ୍ୟ ପାଇଁ ଲୋକେ ଏ.ଆଇ, ଚାର୍ଜ ଜିପିଟି, ଗୁଗୁଲ ଆଦି ଆପ୍ ଉପରେ ଭରସା କରୁଥିବା ବେଳେ ମଣିଷ ଡିଜାଇନ୍ କରିଥିବା ଓ ଡାଟା ଫିଡ଼୍ କରିଥିବା ଏହି ଯନ୍ତ୍ର ଗଡୁକ ସୁବୁବେଳେ ଭରସାଯୋଗ୍ୟ ହୋଇନଥାଏ । ମଣିଷର ବିବେକ, ବିଚାର ଏବଂ ଭବିକା ଶକ୍ତି ଏହା ଭିତରେ ନଥାଏ । ବ୍ୟାଙ୍କିଙ୍ଗ୍ ସେବା ହେଉ କି ବ୍ୟବସାୟ, ଯେକୌଣସି କ୍ଷେତ୍ରରେ ମଧ୍ୟ ଜଣେ ସଇବର୍ ଠକାମୀର ଶୀକାର ହେଲେ ସଇବର୍ ସେଲ୍ କିମ୍ବା ପୋଲିସ ଠାରେ ଅଭିଯୋଗ କରିବାର ଆଇନ ଥିବା ବେଳେ ଲୋକେ ଆଇନକୁ ଠିକ ଭାବରେ ତର୍ଜମା କରିବାକୁ ହେବ ବୋଲି ବୁଝାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ଅନିମେଶ ପଣ୍ଡା, ସୁରମା ବହିଦାର ପ୍ରମୁଖ ପ୍ରଶ୍ନଉତର କାର୍ଯ୍ୟକ୍ରମରେ ଭାଗ ନେଇ ମୁଖ୍ୟବକ୍ତା ପ୍ରଫେସର ଡ. ପାୟଲ ବୋହିରାଙ୍କ ଠାରୁ ସାଇବର ଲ’ ଓ ଡିଜିଟାଲ୍ ଗଭର୍ଣ୍ଣେସ୍ ର କାର୍ଯ୍ୟାବିଧିର ବିଭିନ୍ନ ଦିଗ ଉପରେ ଅବଗତ ହୋଇଥିଲେ । ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଦୌରା ଜଜ୍ ଡ. ହୀରନ୍ମୟ ବିଶୋଇ ଯୋଗ ଦେଇ ନିଜର ଧନ ସଂପତିର ସୁରକ୍ଷା ପାଇଁ ଡିଜିଟାଲ ଫ୍ରଡ୍ ମାନଙ୍କ୍ ପ୍ରତି ସାବଧାନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର ସଭାପତି ବାସୁଦେବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ କଳିଙ୍ଗ ୟୁନିଭରସିଟିର ଡେପୁଟି ମେନେଜର୍ ମିସ୍ ବନଜା ଦଲାଇ ସଂଯୋଜନା କରିଥିବା ବେଳେ ଶେଷରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘର ସଂପାଦକ ଅଶିତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ଜିଲ୍ଲା ଓକିଲ ସଂଘର ବହୁ ସଭ୍ୟ ଯୋଗ ଦେଇ ଥିଲେ ।

# ‘ନିୟମିତ ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ’ : ଫୁଲବାଣୀରେ ଭବ୍ୟ ଭାବେ ପାଳିତ ଯୋଗ ଦିବସ

କନ୍ଧମାଳ : (ହି.ସ.) ସକାଳର କୋମଳ ସୂର୍ଯ୍ୟକିରଣ ମଧ୍ୟରେ ଫୁଲବାଣୀର ଗୋପବନ୍ଧୁ ଛକ ପାଲଟିଥିଲା ଏକ ବିଶାଳ ଯୋଗ ପ୍ରାଙ୍ଗଣରେ । ଏକାସାଙ୍ଗରେ ହଜାରରୁ ଅଧିକ ଲୋକଙ୍କ ଯୋଗାଭ୍ୟାସ, ପ୍ରାଣାୟାମ ଓ ସୁସ୍ଥ ଜୀବନର ସଂକଳ୍ପ ମଧ୍ୟରେ ଭବ୍ୟ ଭାବେ ପାଳିତ ହୋଇଥିଲା ଅନ୍ତର୍ଜାତୀୟ ଯୋଗ ଦିବସ । ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଯୋଗ ମହୋତ୍ସବ ସମିତିର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ଅଧିକାରୀ, ଯୋଗପ୍ରେମୀ ଏବଂ ସହରବାସୀଙ୍କ ଉପସ୍ଥିତି ଯୋଗ ଦିବସକୁ ଏକ ଗଣଆନ୍ଦୋଳନର ରୂପ ଦେଇଥିଲା ।ଚଳିତ ବର୍ଷର ଥିମ୍ “ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ନିମନ୍ତେ ଯୋଗ”କୁ ଆଧାର କରି ଯୋଗ ଗୁରୁ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ ତାଡାସନ, ବଜ୍ରାସନ, ଭୁଜଙ୍ଗାସନ, ମକରାସନ ଏବଂ ପବନମୁକ୍ତାସନ ସମେତ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରା ଯାଇଥିଲା । ଏକକାଳୀନ ଭାବେ ଶତାଧିକ ଲୋକଙ୍କ ଯୋଗାଭ୍ୟାସ ଦୃଶ୍ୟ ସମଗ୍ର ପରିବେଶକୁ ଉତ୍ସାହିତ କରିଥିଲା । କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗକୁ ଭାରତର ଅମୂଲ୍ୟ ଐତିହ୍ୟ ବୋଲି ବର୍ଣ୍ଣନା କରିଥିଲେ । ଜିଲ୍ଲାପାଳ ବେଦଭୂଷଣ ନିଜ ବକ୍ତବ୍ୟରେ ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀର ଓ ମନକୁ ସୁସ୍ଥ ରଖିବା ସମ୍ଭବ ବୋଲି କହିଥିବାବେଳେ ଆରକ୍ଷୀ ଅଧିକ୍ଷକ ରାମେନ୍ଦ୍ର ପ୍ରସାଦ ଯୋଗ ମାନସିକ ଦୃଢ଼ତା ଓ ସକାରାତ୍ମକ ଜୀବନଶୈଳୀ ଗଠନରେ ସହାୟକ ବୋଲି ମତ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପ-ଜିଲ୍ଲାପାଳ ଭିକାରି ସାହୁ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ । ଅତିଥି ମାନେ “ନିୟମିତ ଯୋଗ କରନ୍ତୁ, ସୁସ୍ଥ ରୁହନ୍ତୁ” ବାର୍ତା ଦେଇ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ଆହ୍ୱାନ ଜଣାଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମନୋମୁଗ୍ଧକର ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କ ମନ ଜିଣିନେଇଥିଲା । ଶେଷରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ବିଶ୍ୱ ଶାନ୍ତି ଓ ମାନବ କଲ୍ୟାଣ କାମନା କରିଥିଲେ । ଯୋଗ, ସ୍ୱାସ୍ଥ୍ୟ ଓ ସଚେତନତାର ଏହି ମହାମିଳନ ଫୁଲବାଣୀ ସହରବାସୀଙ୍କ ମନରେ ଏକ ସ୍ମରଣୀୟ ଅନୁଭୂତି ଛାଡ଼ି ଯାଇଛି ।

# ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଜୟପୁର : (ହି.ସ.)- ଓଡ଼ିଶା ଅମଲା ସଂଘ ର ପ୍ରତିଷ୍ଠା ଦିବସ ଧୁମ୍ ଧାମରେ ପାଳନ କରିବା ନିମନ୍ତେ ଜୟପୁର ଯାଦବ ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଂଗଠନିକ ସମ୍ପାଦକ ତଥା ରାଜ୍ୟ ଖଣ୍ଡିୟ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କ କୈଳାଶ ସାମନ୍ତରା ଆୟୋଜିତ ବୈଠକରେ ମୁଖ୍ୟଅତିଥିଭାବେ ଓଡ଼ିଶା ଅମଲା ସଂଘ ର ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଯୋଗଦାନ କରିଥିଲେ । ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଜଗନ୍ନାଥ ମାଝୀ , ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପଢ଼ି ଅତିଥି ଭାବେ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପୂର୍ବ ବର୍ଷ ଭଳି ଏହି ବର୍ଷ ମଧ୍ୟ ଓଡ଼ିଶା ଅମଲା ସଂଘର ୮୩ ବର୍ଷ ପୂର୍ତି ଉତ୍ସବ ତା ୧୯.୦୭.୨୦୨୬ ରିଖ ଦିନ ସଙ୍ଗମ୍ କଲ୍ୟାଣ ମଣ୍ଡପ ଜୟନଗର ଜୟପୁର ଠାରେ ଧୁମ୍ ଧାମରେ ପାଳନ କରିବା ନିମନ୍ତେ ସମସ୍ତେ ମତାମତ ପ୍ରଦାନ କରିଥିଲେ । ପୂର୍ବ ବର୍ଷ ଠାରୁ ଆହୁରି ଧୁମ୍ ଧାମରେ ପାଳନ କରିବା ନିମନ୍ତେ ସ୍ଥିର କରାଯାଇଥିଲା । କୋରାପୁଟ ଜିଲ୍ଲା ର ଆଦିବାସୀ ସଙ୍ଗୀତ ନୃତ୍ୟ, ଆରାଧନା ଗୃପ୍ ଦ୍ୱାରା ସଙ୍ଗିତ ନୃତ୍ୟ କାର୍ଯ୍ୟକ୍ରମ ଓ ସୁନାମ ଧନ୍ୟ ଓଡିଶି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡିଶି ନୃତ୍ୟ ପରିବେଷଣ ସହିତ ମନୋରଞ୍ଜନର କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ସ୍ଥିର ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁଦର୍ଶନ ସାହୁ, ତ୍ରିନାଥ ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ନାଗେଶ୍ୱର ରାଓ, ଉପ ସଭାପତି ରଜନିକାନ୍ତ ଘଡ଼େଇ, ବାଳ ଗୋପାଳ ମୀଶ୍ର ଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ ।

# ଜମନକିରାରେ ‘ବିକାଶର ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ

ସମ୍ବଲପୁର : (ହି.ସ.) - ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ବ୍ଲକ ପରିସରରେ ’ବିକାଶର ଧାରା, ଓଡିଶା ସାରା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜମନକିରା ବ୍ଲକ୍ ବିଡିଓଙ୍କ ଅଧ୍ୟକ୍ଷତାରେ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କୁଚିଣ୍ଡା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଜମନକିରା ବ୍ଲକ ସାଂସଦ ପ୍ରତିନିଧି ରମେଶ ସାହୁ, ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, ସମ୍ବଲପୁର ଜିଲ୍ଲା ଏସଡ଼ିଶୀ ଅଧ୍ୟକ୍ଷ ଭଗିନ୍ଦ୍ର କିଷାନ, ସମ୍ବଲପୁର ଜିଲ୍ଲା ଏସଟି ମୋର୍ଚା ଅଧ୍ୟକ୍ଷ ବେଣୁଧର ପଧାନ, ସମ୍ବଲପୁର ଜିଲ୍ଲା ବିଜେପି ଉପ ସଭାପତି ଦୁଷ୍ମନ୍ତ ନାୟକ, ଜମନକିରା ମଣ୍ଡଳ ସଭାପତି ମନୋଜ ମାଝୀ, ବିଜୟ କୁମାର ନାଏକ ପ୍ରମୁଖ ମଂଚାସିନ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଜମନକିରା ବ୍ଲକ ଏପିଓ ମନୋଜ ଭୋଇ ସଭା ପରିଚାଳନା ସହିତ ଅତିଥି ପରିଚୟ କରିଥିଲେ । କେନ୍ଦ୍ର ସରକାର ଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାର ଙ୍କ ୨ବର୍ଷ ଉପଲବ୍ଧି ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରକାର ପକ୍ଷରୁ ଅନୁଷ୍ଠିତ ହୋଇଥିବା ଅନେକ ଯୋଜନା ସମ୍ପର୍କରେ ଉପଲବ୍ଧି ସମ୍ବନ୍ଧରେ ଅତିଥିଗଣ ନିଜ ବକ୍ତବ୍ୟରେ କହିଥିଲେ । ଏହି କାର ?ୟକ୍ରମ ଉପଲକ୍ଷେ ୭ଜଣ ଛାତ୍ର ଛାତ୍ରୀଙ୍କୁ ସହିଦ ମାଧୋସିଂ ହାତ ଖର୍ଚ୍ଚ, ଜମନକିରା ବ୍ଲକ ଅଧିନସ୍ଥ ୧୮ ଜଣ ନୂତନ ହିତାଧିକାରୀ ଙ୍କୁ ରାସନ କାର୍ଡ, ୯ ଜଣ ନୂତନ ହିତାଧିକାରୀ ଲେବରକାର୍ଡ, ଅନ୍ତୋର୍ଦୟଗୃହ ଯୋଜନାରେ ନୂତନ ୨୦ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ୱାର୍କ ଅଡର, ବସୁନ୍ଧରା ଯୋଜନାରେ ୧୧ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା, ୧୮ ଜଣ ନୂତନ ହିତାଧିକାରୀଙ୍କୁ ଭତା କାର୍ଡ, ପ୍ରମୁଖ ମନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସେହିପରି ଅଂଚଳର ଚାଷି, ସମାଜ ସେବି, ଅବସର ପ୍ରାପ୍ତ ଶିକ୍ଷକ, ଏସ.ଏଚ.ଜି ଗ୍ରୁପଙ୍କୁ ତାଙ୍କ ଅତୁଳନୀୟ କାର୍ଯ୍ୟ ପାଇଁ ଫୁଲ ତୋଡ଼ା ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସେହିପରି ଜମନକିରା ବ୍ଲକ ଅଧିନସ୍ଥ ସର୍ଡକ୍ଷ ଗ୍ରାମ ପଂଚାୟତ ନେସନେଲ କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସର୍ଡକ୍ଷ ସରପଂଚ ଗୀତା ବାଘଙ୍କୁ ତାଙ୍କ ଉଲ୍ଲେଖନିୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଂଚଳର ଅନେକ ଜନସାଧାରଣ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଆମ୍ବ ମେଳା ଗାଁ ଆମ୍ବ ପସରା ଉଦ୍‌ଘାଟିତ

ନୂଆପଡ଼ା : (ହି.ସ.) – ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସମିତି(ଓରମାସ) ଏବଂ ନୂଆପଡ଼ା ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟାଳୟ ପରିସରରେ ପାଂଚଦିନିଆ ଜିଲ୍ଲାସ୍ତରୀୟ ଆମ୍ବ ମେଳା-୨୦୨୬ ଉଦ୍ଘାଟିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ । ଏହି ଅବସରରେ ସାଂସଦ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଡିଏଫ୍‌ଓ ବନ୍ୟଜନ୍ତୁ ସମୀର କୁମାର ସାହୁ, ଅତିରିକ୍ତ ଜ୍ଲିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଓରମାସ ଡେପୁଟି ସିଇଓ ବିଦେଶ ଘୋଷ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷର ଆମ୍ବ ମେଳାରେ ଜିଲ୍ଲାର ସ୍ଥାନୀୟ ଚାଷୀ ଓ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରାୟ ୪୫ଟି ଉନ୍ନତ ପ୍ରଜାତିର ଆମ୍ବ ପ୍ରଦର୍ଶିତ ହୋଇଛି । ଏଥିରେ ମିୟାଜାକି, ଅମୃତମ୍ ଆଇସ୍ ବକ୍ସ, ବାନାନା ମ୍ୟାଙ୍ଗୋ, ୟୋୱିନ୍ ମ୍ୟାଙ୍ଗୋ, ଥାଇ ହ୍ୱାଇଟ୍, ଅରୁଣିମା, ଲାଲିମା, ନୀଳେଶ୍ୱରୀ ଓ ରୋମାନୀ ରନ୍ ପ୍ରମୁଖ ଆକର୍ଷଣୀୟ ପ୍ରଜାତିର ଆମ୍ବ ସ୍ଥାନ ପାଇଛି । ଜିଲ୍ଲାରେ ଆମ୍ବ ଚାଷକୁ ପ୍ରୋତ୍ସାହିତ କରିବା, ଚାଷୀମାନଙ୍କ ପାଇଁ ବିପଣନ ସୁଯୋଗ ସୃଷ୍ଟି କରିବା, ଉନ୍ନତ ପ୍ରଜାତିର ଆମ୍ବ ଚାଷ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ମେଳାର ଉଦ୍ଦେଶ୍ୟ । ଉଲ୍ଲେଖଯୋଗ୍ୟ ଯେ, ଏହି ମେଳା ଆସନ୍ତା ୨୪ ଜୁନ ପର୍ଯ୍ୟନ୍ତ ଚାଲିବକ୍ଷ ଜନସାଧାରଣ ମେଳା ପରିଦର୍ଶନ କରିବା ସହ ବିଭିନ୍ନ ପ୍ରଜାତିର ଆମ୍ବ କ୍ରୟ କରିପାରିବେ ।

## ‘ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍’ର ଶୁଭାରମ୍ଭ

# ଗ୍ରାମାଂଚଳ ଛାତ୍ରଛାତ୍ରୀଙ୍କୁ ମିଳିବ ଆଧୁନିକ ପ୍ରଯୁକ୍ତି ଶିକ୍ଷା

ଭଦ୍ରକ : ଗ୍ରାମାଂଚଳ ଓ ସହରାଂଚଳ ରେ ଥିବା ବିଦ୍ୟାଳୟଗୁଡ଼ିକରେ ଆଧୁନିକ ଡିଜିଟାଲ୍ ଶିକ୍ଷାର ପ୍ରସାର ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାର ଥିବା ବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟ ରେ ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ’ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍’ ର ଶୁଭାରମ୍ଭ ହୋଇଛି । ଡିଜିଟାଲ୍ ବ୍ୟବଧାନକୁ ଦୂର କରିବା ସହ ଛାତ୍ରଛାତ୍ରୀଙ୍କୁ ଆଧୁନିକ ପ୍ରଯୁକ୍ତି ସହ ସଂଯୋଗ କରାଯିବ । କାର୍ଯ୍ୟକ୍ରମରେ ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡକ୍ଟର ଦିଲ୍ଲୀପ ରାଉତରାୟ, ପ୍ରଶାସନିକ ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଉପସ୍ଥିତ ଥିଲେ । ସାଂସଦ ଅଭିମନ୍ୟୁ ସେଠୀ କହିଥିଲେ ଯେ, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ୍ ଜ୍ଞାନ କେବଳ ବଡ଼ ସହରର ବିଦ୍ୟାଳୟମାନଙ୍କ ପାଇଁ ସୀମିତ ରହିବା ଉଚିତ୍ ନୁହେଁ । ଗ୍ରାମାଂଚଳରେ ମଧ୍ୟ ପ୍ରଚୁର ପ୍ରତିଭା ରହିଛି ଏବଂ ସେମାନଙ୍କୁ ଉପଯୁକ୍ତି ସୁଯୋଗ ଓ ମଂଚ ପ୍ରଦାନ କରାଗଲେ ସେମାନେ ଦେଶର ଗୌରବ ବୃଦ୍ଧି କରିପାରିବେ । ତେବେ ଏଆଇ ମାନବୀୟ ବୁଦ୍ଧିମତାକୁ କେବେବି ଛାପି ନଯାଉ ବୋଲି ସେ ମତ ପ୍ରକାଶ କରିଥିଲେ । ବିଧାୟକ ସୀତାଂଶୁ ଶେଖର ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାରଙ୍କ ଓଡ଼ିଶା ଏଆଇ ନୀତି-୨୦୨୫ ଏବଂ ଜାତୀୟ ଶିକ୍ଷା ନୀତି-୨୦୨୦ର ଲକ୍ଷ୍ୟ ପୂରଣ ଦିଗରେ ଏହି ଏଆଇ ହବ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ମାଧ୍ୟମରେ ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକୁ ଗ୍ରାମସ୍ତରରେ କାର୍ଯ୍ୟକାରୀ କରାଯିବ । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବ୍ଲକ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକମାନଙ୍କୁ ଏହି ଅଭିଯାନର ଅଗ୍ରଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ । ସେ କହିଥିଲେ ଯେ, ସେମାନଙ୍କର ଦୂରଦୃଷ୍ଟି ଓ ନେତୃତ୍ୱ ହିଁ ଏହି ପ୍ରଯୁକ୍ତିକୁ ବିଦ୍ୟାଳୟ ସ୍ତରରେ ସଫଳ କରିପାରିବ । ଆସନ୍ତା ଜୁଲାଇ ମାସରୁ ପିଏମ୍ ଶ୍ରୀ ବି.ଏମ୍. ବାଗୁରାଇ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଏଆଇ ଇନୋଭେସନ୍ ଆଣ୍ଡ ସ୍କିଲିଂ ହବ୍ କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତି ହୋଇଥିବାବେଳେ ଜିଲ୍ଲାର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ଏକ ସମନ୍ୱୟ ବୈଠକ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି । ଫାଉଣ୍ଡେସନର ମୁଖ୍ୟ ପରାମର୍ଶଦାତା ଶାରଦା ପ୍ରସାଦ ପଣ୍ଡା ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ଏଆଇ ବିଶେଷଜ୍ଞ ମାନସ ରଥ ଓ ତନ୍ମୟ ସ୍ୱାଇଁ ଏହି ପଦକ୍ଷେପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବାବେଳେ ଶ୍ୟାମଳ କିଶୋର ଦାସ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ବିଶେଷଜ୍ଞମାନେ ଏହି ହବ୍‌କୁ କେବଳ ଏକ ପ୍ରଯୁକ୍ତି ଭିତିଭୂମି ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ ପ୍ରଯୁକ୍ତିର ଉପଭୋକ୍ତାରୁ ନବସୃଷ୍ଟିକାରୀରେ ପରିଣତ କରିବା ପାଇଁ ଏକ ସ୍ଥାୟୀ ଶିକ୍ଷା ପରିବେଶ ବୋଲି ବର୍ଣ୍ଣନା କରିଥିଲେ ।

# ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ

ସୁବର୍ଣପୁର : (ହି.ସ.) - ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଯୋଗ ମହୋତ୍ସବ ସମିତି ଓଡ଼ିଶା ସରକାର ଙ୍କ ସହଯୋଗ ରେ ନୂଆଁ ଟାଉନ୍ ହଲ୍ ଠାରେ ସମାରୋହ ରେ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ବୀର ମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆତ୍ମା ପରେ ଜୀବନ ର ପ୍ରକୃତ ବନ୍ଧୁ ହେଉଛି ଆମ ଶରୀର ବୋଲି କହି ଖାଦ୍ୟ ପେୟ ଉପରେ ମଧ୍ୟ ଆମେ ନିୟନ୍ତ୍ରଣ ରଖିବା ଅତି ଜରୁରୀ ବୋଲି କହିଥିଲେ ଏବଂ ଜୀବନକୁ ସୁସ୍ଥ ଓ ସୁନ୍ଦର ରଖିବାର ଏକ ମାତ୍ର ପ୍ରକ୍ରିୟା ହିଁ ‘ଯୋଗ‘ ବୋଲି ଆଜିର ଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ମତ ରଖିଥିଲେ । ଶେଷରେ ‘ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ‘ ଉପରେ ଅତିଥି ମାନେ ଉପସ୍ଥିତ ଯୋଗୀ ମାନଙ୍କୁ ଶପଥ ପାଠ କରାଇଥିଲେ । ମହିଳା ଯୋଗ ସମିତି ସହ ସହର ର ବିଭିନ୍ନ ଯୋଗ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ କର୍ମ କର୍ତା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ ଯୋଗ ଦେଇଥିବା ବେଳେ ଯୋଗ ଗୁରୁ ମନୋଜ ପଣ୍ଡା , ଯୋଗ ସମିତିରୁ ସଞ୍ଜୟ ମହାପାତ୍ର ଏବଂ ଯୁଦିଷ୍ଠିର ଖମାରି କାର୍ଯ୍ୟକ୍ରମର ଆୟୋଜନ କରିବାରେ ସାହାଯ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର । ଏହି ଯୋଗ ଶିବିର ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଗ ସମିତିର ସହାୟତାରେ ଆୟୋଜନ କରାଯାଇଥିଲା ।



# ମୟୁରଭଞ୍ଜ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ



ବାରିପଦା (ନି.ପ୍ର.)ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ମୟୁରଭଞ୍ଜ ସେବା ସଂଗଠନ ଆନୁକୂଲ୍ୟରେ ସଂଗଠନର ପ୍ରତିଷ୍ଠାତା ଚିନ୍ମୟ ଦାସଙ୍କ ୨୩ତମ ଜନ୍ମଦିନ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଏହି ଶିବିରକୁ ଉଦଘାଟନ କରିବା ସହ ଯୁବପିଢ଼ି ମାନଙ୍କୁ ସମାଜସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ ଓ ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ରାକେଶ ସିଂହ, ରୋଟାରୀ କ୍ଲବ ସମ୍ପାଦକ ତିମିର ଘୋଷ, ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକ, ସମାଜସେବୀ ବିଶ୍ୱଜିତ ନାୟକ, ଡ଼ଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ରିଙ୍କୁ ପାଲ, ବିନୀତ ପୁରୀ, ଚିତରଞ୍ଜନ ସ୍ୱାଇଁ ଓ ହିମାଂଶୁ ଶେଖର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଶିବିରରେ ଚିନ୍ମୟ ଦାସଙ୍କ ସମେତ ମୋଟ ୩୦ ଜଣ ରକ୍ତଦାନ କରିଥିଲେ ଓ ଏହି ଅବସରରେ କେନ୍ଦ୍ରାପଡ଼ାର ରଶ୍ମି ଚେରିଟେବଲ ଟ୍ରଷ୍ଟ, ଜଳେଶ୍ୱରର ହେଲପିଂ ହ୍ୟାଣ୍ଡସ, ଭୋଲାଘାଟିର ବିବେକାନନ୍ଦ ସେବା ଫାଉଣ୍ଡେସନ, ବାରିପଦାର ମାନବଧର୍ମ ସେବା ଟ୍ରଷ୍ଟ, ରେଡ ଗ୍ରୀନ ଫାଉଣ୍ଡେସନ, ମା ତୁଳସୀ ଫାଉଣ୍ଡେସନ, ନନ୍ଦଲାଲା ସେବା ଟ୍ରଷ୍ଟ, ସୋସିଆଲ ୱେଲଫେୟାର ଫୋରମ ଓ ବିଶିଷ୍ଟ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ସଂଗଠନର ଉପ ସଭାପତି ସନ୍ଦୀପ କୁମାର ନାଥ, ସମ୍ପାଦକ ଭରତ କୁମାର ପାତ୍ର, ଯୁଗ୍ମ ସମ୍ପାଦକ ହରିଶ ଚନ୍ଦ୍ର ଲେଙ୍କା, କୋଷାଧ୍ୟକ୍ଷ ତନୁଜା ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ରାମେଶ୍ୱର ସିଂହ, ଉପଦେଷ୍ଟା ଅରବିନ୍ଦ ମୁଖି ଓ ତୃପ୍ତି ମୋହନ ମହାପାତ୍ର ଓ ସଦସ୍ୟ ଅଙ୍କିତ କୁମାର ସାହୁ, ରୁମା ବାରିକ, ଚିନ୍ମୟ କୁମାର ପ୍ରଧାନ, ବାପୁନ ସିଂ, ରାହୁଲ ମହାପାତ୍ର, ସୁଭଦ୍ରା ପ୍ରଧାନ, ତନୁଶ୍ରୀ ଦାସ, ସତ୍ୟମ କୁମାର ବାରିକ, ମନୋଜ ବେହେରା, ମାନସ ରଞ୍ଜନ ସ୍ୱାଇଁ, ଉତମ ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## କୃଷ୍ଣଚନ୍ଦ୍ର ପୃଷ୍ଟି ସ୍ମାରକୀ ତୈଳିକ ଯୁବ ସମ୍ମିଳନୀ - ୨୦୨୬



କଟକ (ନି. ପ୍ର.) ସ୍ଥାନୀୟ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ କଟକ ମହାନଗର ତୈଳିକ ବୈଶ୍ୟ ସମାଜର ଶାଖା କୃଷ୍ଣଚନ୍ଦ୍ର ପୃଷ୍ଟି ସ୍ମାରକୀ ତୈଳିକ ଯୁବ ସମ୍ମିଳନୀ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ବାରବାଟୀ କଟକର ବିଧାୟିକା ସୋଫିଆ ଫିର୍ଦୋଷ, ମୁଖ୍ୟ ବକ୍ତା ଭାବରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ରୂପେ ୨୫ନମ୍ବର ୱାର୍ଡର କର୍ପୋରେଟର ସତ୍ୟରାମ ସାହୁ , ଡକ୍ଟର ରତନ ମଣି ସାହୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ତୈଳିକ ବୈଶ୍ୟ ସମାଜର ବିକାଶ ପାଇଁ ଏ ପ୍ରକାର ପ୍ରୟାସକୁ ବହୁ ପ୍ରଶଂସା କରିଥିଲେ । ଏହି ଅବସରରେ କୃଷ୍ଣଚନ୍ଦ୍ର ପୃଷ୍ଟି ସ୍ମାରକୀ ସମ୍ମାନ ଶ୍ରୀ ମହେନ୍ଦ୍ର କାୟସ୍ଥ , ସୁନାକର ସାହୁ ଓ ବ୍ରଜ କିଶୋର ସାହୁଙ୍କୁ ପ୍ରଦାନ କରାଯିବା ସହିତ ବହୁ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଡାକ୍ତର ଉତମ କୁମାର ସାହୁ, ସଂଯୋଜକ ଆଇନଜୀବୀ ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ସି ଏସ ସରୋଜ କୁମାର ସାହୁ, ଅଧ୍ୟକ୍ଷ ପ୍ରସନଜିତ୍ ସାହୁ, ଯୁବ ସଂଗଠନ ସମ୍ପାଦକ ଆଇନଜୀବୀ ଭବେଶ କୁମାର ସାହୁ, କାର୍ଯ୍ୟ ନିର୍ବାହୀ ସଭାପତି ଦୀନକୃଷ୍ଣ ସାହୁ, ମହିଳା ସଂଗଠନ ସଭାନେତ୍ରୀ ସୁପ୍ରଭା ସାହୁ, ସମ୍ପାଦକ ବିଦୁଲତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ନେଇ ଯାଇଥିବାବେଳେ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମର ତାଳେ ତାଳେ କାର୍ଯ୍ୟକ୍ରମଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା ।

# ରାମଚନ୍ଦ୍ର ଫାଉଣ୍ଡେସନର ତ୍ରୟୋଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସୋର,(ନି.ପ୍ର.) 'ପରିବେଶ ସୁରକ୍ଷାର ନାହିଁ ବିକଳ୍ପ ଗଛ ଲଗାଇବା ହେଉ ଆମ ସଂକଳ୍ପ ।' ସୋର ପୌରପାଳିକା ଅନ୍ତର୍ଗତ ତେଲିଆଗଞ୍ଜ ଠାରେ ରାମଚନ୍ଦ୍ର ଫାଉଣ୍ଡେସନର ତ୍ରୟୋଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରଭାତ କୁମାର ପାକଳଙ୍କ ସଭାପତିତ୍ୱ ଓ ଅନୁଷ୍ଠାନର ସମ୍ପାଦକ ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଊପଦା ବାନଖଣ୍ଡର ରେଞ୍ଜର ହରିହର ମଝି,ସୋର ପୌରପଆଳିକାର ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ, ଶ୍ରୀରାମ ଆବାସିକ ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଡ. ଇନ୍ଦ୍ରଜିତ ଦେ ଓ ପାରିଷଦ ସରୋଜିନୀ ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଚେତାଇ ଦେଇ କହିଥିଲେ କି ପରିବେଶର ସୁରକ୍ଷା ନିମନ୍ତେ ଗଛ ଲଗାଇବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିବାରୁ ସମସ୍ତେ ଗଛ ଲଗାଇବାର ସଂକଳ୍ପ ନେବା ଉଚିତ । ଚିତରଞ୍ଜନ ଦାସ ସଭା ପରିଚାଳନା କରିଥିବା ବେଳେ ମନୀନ୍ଦ୍ର ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ । ରାମଚନ୍ଦ୍ର ଫାଉଣ୍ଡେସନର ପତିଷ୍ଠାତା ରମେଶ ଚନ୍ଦ୍ର ଲେଙ୍କାଙ୍କ ବିଗତ ତେର ବର୍ଷ ଧରି ନିରବଛିନ୍ନ ଭାବରେ କରି ଆସୁଥିବା ଏଭଳି ସାଧୁ ଉଦ୍ୟମକୁ ଭୂୟୀୟସୀ ପ୍ରସଂଶା କରିଥିଲେ । ପରିଶେଷରେ ସ୍ଥାନୀୟ ଅଂଚଳର ମହେନ୍ଦ୍ର କୁମାର ଖିଲାର,ସନ୍ତୋଷ କୁମାର ସିଂ, ଦେବବ୍ରତ ବଗୁଡ଼ାଇ,ରାଜେନ୍ଦ୍ର କୁମାର ନାୟକ,ଧୀରେନ୍ଦ୍ର ଦାସଙ୍କ ସମେତ ଅନେକ ଯୁବ କର୍ମକର୍ତାଙ୍କ ସହଯୋଗରେ ତେଲିଆଗଞ୍ଜ ଖରାଖାଇ ମନ୍ଦିର ନିକଟରୁ ଖିର୍ଷାନି ପୋଖରୀ ଆଡକୁ ଯାଇଥିବା ରାସ୍ତାର ପାର୍ଶ୍ୱରେ ଶହେ ପଚାଶରୁ ଉର୍ଦ୍ଧ୍ୱ ଲିମ୍ବ, ଆମ୍ବ, ନଗେଶ୍ୱରୀ, ବଉଳ, କଦମ୍ବ ଗଛ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ରୋପଣ କରାଯାଇଥିଲା ।

## ନିଜ କଲେଜରେ ଲେଫ୍ଟନାଂଟ କର୍ଣ୍ଣେଲ ଡ. ଲକ୍ଷ୍ମୀଧର ଭୁୟାଁ

ସୋର, (ନି.ପ୍ର.) ଲେଫ୍ଟନାଂଟ କର୍ଣ୍ଣେଲ, କମାଣ୍ଡିଂ ଅଫିସର ତଥା ଚିଫ୍ ରେକର୍ଡ଼ ଅଫିସର ଇଂଟେଲିଜେନସ କ୍ରପସ୍ (ଭାରତ ସରକାର) ଡ. ଲକ୍ଷ୍ମୀଧର ଭୁୟାଁ ଆଜି ଓଡ଼ିଶା ଗସ୍ତରେ ଆସିଥିବା ବେଳେ ତାଙ୍କ ନିଜ କଲେଜ ସୋର ଉପେନ୍ଦ୍ରନାଥ ବିଦ୍ୟାଳୟରେ ପହଞ୍ଚି ଥିଲେ । ତାଙ୍କୁ କଲେଜ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହିତ ଏକ ସୌଜନ୍ୟ ମୂଳକ ସଭା ଅଧ୍ୟକ୍ଷ ମନୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଡ. ଭୁୟାଁ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ସୁସ୍ଥତା ପାଇଁ ଯୋଗ ଏବଂ ବ୍ୟାୟମକୁ ଗୁରୁତ୍ୱ ଦେବା ସହିତ ଶୃଂଖଳିତ ଜୀବନ ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ । ଭାରତ ମାତାର ସେବା ପାଇଁ ଭାରତୀୟ ସେନାରେ ଯୋଗଦେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଏହି ସଭାରେ ଭଦ୍ରକ ଏନ୍‌ସିସି ବାଟାଲିୟନର କମାଣ୍ଡିଂ ଅଫିସର ଲେଫ୍ଟନାଂଟ କର୍ଣ୍ଣେଲ ଏସ ଏସ ରଘୁବଂଶୀ ଉପସ୍ଥିତ ରହି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଡ. ଭୁୟାଁ ୧୩ ହଜାର ଫୁଟ ବରଫ ଉପରେ ଆଖିରେ ପଟି ବାନ୍ଧି ଚାଲିବା ଏବଂ ୨୦ ଫୁଟ ଉର୍ଦ୍ଧ୍ୱରେ ଯୋଗାରେ ଶୀର୍ଷାସନ କରି ଗ୍ରୀନିଜ୍ ବୁକ୍ ଅଫ ରେକର୍ଡ଼, ଏସିଆ ବୁକ୍ ଅଫ ରେକର୍ଡ଼, ଆମେରିକା ବୁକ୍ ଅଫ ରେକର୍ଡ଼ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି । ଶେଷରେ ଏନ୍‌ସିସି ଅଫିସର ଲେଫ୍ଟନାଂଟ ଭାଗୀରଥି ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବହୁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗଦେଇଥିଲେ ।

# ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଲଭ କରୁଛି 'ରିଫର୍ମ ଏକ୍ସପ୍ରେସ୍'

ନ୍ୟାୟ ସଦାସର୍ବଦା ମାନବ ସଭ୍ୟତାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅବିଚ୍ଛେଦ୍ୟ ସ୍ତମ୍ଭ ହୋଇ ରହିଆସିଛି । ଆମର ପ୍ରାଚୀନ ସାଂସ୍କୃତିକ ଐତିହ୍ୟର ସମୃଦ୍ଧ ପରମ୍ପରା ଏବଂ ଏହାର ସ୍ଥାୟୀ ପ୍ରତୀକଗୁଡ଼ିକ ସାମୂହିକ ଭାବେ ସେହି ସାଂସ୍ଥାନିକ ବ୍ୟବସ୍ଥାଗୁଡ଼ିକୁ ଦର୍ଶାଇଥାନ୍ତି, ଯାହା ମାନବ ସଭ୍ୟତାର ବିକାଶ ଯାତ୍ରାକୁ ସଠିକ୍ ପଥରେ ଆଗକୁ ବଢ଼ାଇଛି, ମାର୍ଗଦର୍ଶନ କରିଛି ଏବଂ ନିରନ୍ତର ପ୍ରଗତି କରିବାରେ ସହାୟତା କରିଛି । ମାନବ ସଭ୍ୟତାର ନିରନ୍ତର ବିକାଶ ଫଳରେ ଜ୍ଞାନ-ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ସମୃଦ୍ଧ ଆଧୁନିକ ସମାଜରେ ପରସ୍ପର ସହ ଜଡ଼ିତ ବ୍ୟକ୍ତି ଓ ସମୁଦାୟର ପାରସ୍ପରିକ ସମ୍ପର୍କ ମଧ୍ୟରେ ବିଭିନ୍ନ ବିଚାର ଏବଂ ମତଭେଦ କାରଣରୁ ପରିବର୍ତ୍ତନ ଆସିଛି, ତଥାପି, ଏଥିରେ କୌଣସି ସନ୍ଦେହ ନାହିଁ ଯେ ବୈଜ୍ଞାନିକ ପ୍ରଗତି ଏବଂ ବୈଷୟିକ ଉନ୍ନତି ଦେଶର ସୀମା ବାହାରକୁ ଯାଇ ଭାବନାର ଅବାଧ ଆଦାନପ୍ରଦାନକୁ ଆହୁରି ସହଜ କରିଦେଇଛି । ଅନାଦି କାଳରୁ, ଗୋଟିଏ ବିଚାରର ଅନ୍ୟ ଏକ ବିଚାର ଉପରେ ଶ୍ରେଷ୍ଠତା ପ୍ରତିପାଦନ କରିବାର ପ୍ରତିଯୋଗିତା ନ୍ୟାୟଶାସ୍ତ୍ରର ବିକାଶ ପାଇଁ ଏକ ଦୃଢ଼ ମୂଳଦୁଆ ହୋଇ ରହିଛି । ଯୁଗ ଯୁଗ ଧରି ବିଚାର ଓ ମୂଲ୍ୟବୋଧର ଏହି ଆନ୍ତଃ-ସଂଘର୍ଷ ମଧ୍ୟରେ ସତ୍ୟ, ନିଷ୍ପକ୍ଷତା ଏବଂ ଆଇନର ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ପୁନଃ ପ୍ରତିଷ୍ଠା କରିବାର ଦାୟିତ୍ୱ ନ୍ୟାୟିକ ଅନୁଷ୍ଠାନଗୁଡ଼ିକ ତୁଲାଇଛନ୍ତି । ଏଗୁଡ଼ିକ ଏକ ସେତୁ ଭାବେ କାର୍ଯ୍ୟ କରିଛନ୍ତି, ଯାହା ପ୍ରତ୍ୟେକ ସମ୍ପୃକ୍ତ ପକ୍ଷକୁ, ଏପରିକି ନିଜକୁ ଅଲଗା ବୋଲି ଭାବୁଥିବା ଲୋକମାନଙ୍କୁ ମଧ, ନ୍ୟାୟ ଏବଂ ସାମୂହିକ କଲ୍ୟାଣର ଏକ ବ୍ୟାପକ ପ୍ରକ୍ରିୟା ସହିତ ଯୋଡ଼ି ହେବା, ବିଶ୍ୱାସ କରିବା ଏବଂ ସହଭାଗିତାର ଅନୁଭୂତି ପ୍ରଦାନ କରିଥାଏ ।

ଏହି ସ୍ଥାୟୀ ସଂସ୍ଥାଗତ ପ୍ରତିବଦ୍ଧତା ଏପରି ଏକ ଦୃଢ଼ ବ୍ୟବସ୍ଥା ସୃଷ୍ଟି କରିଛି ଯାହା କେବଳ ନ୍ୟାୟ ପାଇବାକୁ ସୁନିଶ୍ଚିତ କରେ ନାହିଁ ବରଂ ପ୍ରତ୍ୟେକ ନାଗରିକଙ୍କ ଜୀବନକୁ ସରଳ ଏବଂ ସହଜ କରିବା ପାଇଁ ମଧ ଏକାନ୍ତ ଆବଶ୍ୟକ । ଭାରତୀୟ ନ୍ୟାୟଶାସ୍ତ୍ର, ଯେପରି ବର୍ତମାନର ପରିପ୍ରେକ୍ଷୀରେ ବିକଶିତ ହୋଇଛି, ଆଧୁନିକ ଚ୍ୟାଲେଞ୍ଜ ଏବଂ ଉପଲବ୍ଧ ସୁଯୋଗ ସହିତ ନିଜକୁ ସମାନୁପାତିକ ଭାବରେ ଖାପ ଖୁଆଇଛି । ଆମର ସାମ୍ବିଧାନିକ ଐତିହ୍ୟ ଆମକୁ ଏକ ସମାନତାବାଦୀ ସମାଜ ଗଠନ କରିବା ପାଇଁ ନିରନ୍ତର ମାର୍ଗଦର୍ଶନ ପ୍ରଦାନ କରେ, ଯାହା ଆମର ସ୍ୱାଧୀନତା ସଂଗ୍ରାମୀ ଏବଂ ରାଷ୍ଟ୍ର ନିର୍ମାତାମାନଙ୍କ ସ୍ୱପ୍ନକୁ ସାକାର କରିଥାଏ । ସମ୍ବିଧାନର ପ୍ରସ୍ତାବନାରେ ନିହିତ ନ୍ୟାୟ, ରାଜନୈତିକ, ସାମାଜିକ ଏବଂ ଆର୍ଥିକ ନ୍ୟାୟର ତ୍ରିବେଣୀ ଏବଂ ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଆଦର୍ଶ, ଅନୁଷ୍ଠାନ ଏବଂ ବ୍ୟକ୍ତି ଉଭୟଙ୍କ ପାଇଁ ଏକ ନୈତିକ ଦିଗଦର୍ଶକ ଭାବରେ କାର୍ଯ୍ୟ କରେ ।

ସ୍ୱାଧୀନ ଭାରତ ସମ୍ବିଧାନରେ ଏକ ମାର୍ଗଦର୍ଶିକା ନୀତି ପାଇଛି, ଯାହା ଆମ ଦେଶର ପ୍ରଗତିକୁ ସୂଚିତ କରେ । ଯଦିଓ ଆମେ ସ୍ୱାଧୀନତା ପ୍ରାପ୍ତି ପରେ ରାଜନୈତିକ ସ୍ୱାଧୀନତା ହାସଲ କଲୁ, ଗଭୀର ଭାବରେ ସ୍ଥାପିତ ଉପନିବେଶବାଦୀ ମାନସିକତା ଭାରତୀୟ ଚିନ୍ତାଧାରା ଏବଂ ମୂଲ୍ୟବୋଧ ପାଇଁ ଏକ ବୌଦ୍ଧିକ ପ୍ରତିବନ୍ଧକ ହୋଇ ରହିଲା । ଲର୍ଡ ମାକଲେଙ୍କ ଶିକ୍ଷା ନୀତି, ପରବର୍ତ୍ତୀ ଦଣ୍ଡମୂଳକ ଆଇନ ଏବଂ ଭାରତୀୟ ନାଗରିକଙ୍କ ନିମନ୍ତେ ବିଭିନ୍ନ ନୀତି, ନିୟମର ଏକ ଜଟିଳ ଜାଲ ବୁଣିଥିଲା ଯାହା ଦେଶର ନାଗରିକମାନଙ୍କ ସ୍ୱାଧୀନତାକୁ ସୀମିତ କରି ରଖିଥିଲା । ଊନବିଂଶ ଶତାବ୍ଦୀର ମାନସିକତା ଏବଂ ବିଂଶ ଶତାବ୍ଦୀର ଆଇନ ଏକବିଂଶ ଶତାବ୍ଦୀର ଆକାଂକ୍ଷାକୁ କଦାପି ପୂରଣ କରିପାରିବ ନାହିଁ ।

ଆମେ ଆମର ରାଷ୍ଟ୍ରୀୟ ସଫଳତା ନିମନ୍ତେ ଅତ୍ୟନ୍ତ ଗର୍ବିତ ଅନୁଭବ କରିଥାଉ । ତଥାପି, ଯେତେବେଳେ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ବାର ବର୍ଷର ବିକାଶ ଯାତ୍ରାକୁ ପଛକୁ ଫେରି ଚାହୁଁ, ଆମେ ଶାସନରେ ଏକ ସ୍ପଷ୍ଟ ଏବଂ ସକାରାତ୍ମକ ପରିବର୍ତ୍ତନ ଦେଖୁ, ଯାହା ଅନେକ ସ୍ତରରେ ନାଗରିକଙ୍କ ଜୀବନକୁ ପ୍ରଭାବିତ କରିଛି । ୨୦୧୪ ବର୍ଷକୁ ଆମ ଦେଶର ଗଣତାନ୍ତ୍ରିକ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଭାବରେ ସ୍ମରଣ ରଖାଯିବ । ଏହା ସେହି ବର୍ଷ ଥିଲା ଯେତେବେଳେ ଏକ ଦ୍ରୁତ ବିକାଶଶୀଳ ଭାରତର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ନୀତିଗତ ହସ୍ତକ୍ଷେପକୁ ଅଧିକ ପ୍ରଭାବଶାଳୀ ଏବଂ ଦକ୍ଷ କରାଯାଇଥିଲା, ଯାହା ଜନସାଂଖ୍ୟିକ ସୁଫଳକୁ ଦେଶର ବିକାଶରେ ସବଶ୍ରେଷ୍ଠ ଗୁରୁତ୍ୱପୂର୍ଣ୍ଣ କାରକ ଭାବରେ ସ୍ୱୀକାର କରିଥିଲା ।

ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସକ୍ଷମ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଅଧୀନରେ, ସମଗ୍ର ଶାସନ ବ୍ୟବସ୍ଥା ସଶକ୍ତିକରଣର ଶକ୍ତି ପ୍ରଦର୍ଶନ କରି ସଂସ୍କାର ଏକ୍ସପ୍ରେସ- ପ୍ରେରିତ ବିକାଶ ପ୍ରକ୍ରିୟାକୁ ଦ୍ରୁତ ଗତିରେ ଗ୍ରହଣ କରିଛି । ଏହାର ଯାତ୍ରାକୁ ତୃଣମୂଳ ସ୍ତରରୁ 'ସହଜ ଜୀବନଯାପନ'କୁ ପ୍ରୋତ୍ସାହିତ କରିବାର ପ୍ରୟାସ ଭାବରେ ସଂକ୍ଷେପ କରାଯାଇପାରେ । ସେହି ସମୟରେ, ଏହା ଉପର ସ୍ତରରୁ 'ରାଷ୍ଟ୍ର ସର୍ବୋପରି' ପଦ୍ଧତି କାର୍ଯ୍ୟକାରୀ କରିବାକୁ ମଧ ଲକ୍ଷ୍ୟ ରଖିଛି ।

ସେହିପରି, ଭାରତର ନ୍ୟାୟିକ ସଂସ୍କାର ଯାତ୍ରା ବ୍ୟାପକତା, ନବସୃଜନ ଏବଂ ଗଭୀର ସାମାଜିକ ଏବଂ ସଭ୍ୟତାଗତ ପ୍ରତିବଦ୍ଧତାର ଏକ ପ୍ରେରଣାଦାୟକ କାହାଣୀ ହୋଇଛି । ଏହା ଏକ ବ୍ୟାପକ ଏବଂ ବହୁମୁଖୀ ଆଭିମୁଖ୍ୟକୁ ପ୍ରତିଫଳିତ କରେ ଯାହା ଆଇନଗତ ଆଧୁନିକୀକରଣ, ସାଂସ୍ଥାଗତ ସୁଦୃଢ଼ୀକରଣ ଏବଂ ଡିଜିଟାଲ୍ ନବସୃଜନକୁ ଅନ୍ତର୍ଭୁକ୍ତ କରେ ।

'ନ୍ୟାୟର ସହଜତା' ଆମ ପାଇଁ କେବଳ ଏକ ବିବୃତି ନୁହେଁ, ବରଂ ଏକ ସଂସ୍କାର ମନ୍ତ୍ର ଯାହା ନ୍ୟାୟ ପାଇଁ କୋର୍ଟକୁ ଆସୁଥିବା ଲୋକଙ୍କ ପାଇଁ 'ସହଜତ', ଓକିଲ ଏବଂ ବିଚାରପତିଙ୍କ ପାଇଁ 'ସହଜତା କାମ" ଏବଂ ନାଗରିକଙ୍କ ପାଇଁ 'ସହଜତା ବୁଝାମଣ"କୁ ଅନ୍ତର୍ଭୁକ୍ତ କରେ ।

ନ୍ୟାୟ ପାଇଁ ଅଦାଲତର ଦ୍ୱାରସ୍ଥ ହେଉଥିବା ନାଗରିକମାନଙ୍କ ସୁବିଧା ନିମନ୍ତେ 'ଦିଶା' ଯୋଜନା ଅଧୀନରେ ଟେଲି-ଲଅ, ନ୍ୟାୟ ବନ୍ଧୁ ଏବଂ ପ୍ରୋ ବୋନୋ ସେବାଗୁଡ଼ିକର ସମ୍ପ୍ରସାରଣ ନ୍ୟାୟ ପ୍ରାପ୍ତିକୁ ଅତ୍ୟନ୍ତ ସହଜ ଓ ଶସ୍ତା କରିଦେଇଛି । କମନ୍ ସର୍ଭିସ୍ ସେଂଟରର ବ୍ୟାପକ ନେଟୱର୍କ ମାଧ୍ୟମରେ ପରିଚାଳିତ ଟେଲି-ଲଅ କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମାଂଚଳ ଏବଂ ଦୂରଦୂରାନ୍ତ ଅଂଚଳର ୧୧୨ ଲକ୍ଷରୁ ଅଧିକ ହିତାଧିକାରୀ ଅଦାଲତରେ ମାମଲା ଦାୟର କରିବା ପୂର୍ବରୁ ମାଗଣା ଆଇନଗତ ପରାମର୍ଶ ପାଇବାର ସୁଭାଗ୍ୟ ଲାଭ କରିଛନ୍ତି । ଇ-ଫାଇଲିଂ ଏବଂ ଇ-ସେବା କେନ୍ଦ୍ରର ସେବାଗୁଡ଼ିକ ଅଦାଲତରେ ମାମଲା ଦାୟର କରୁଥିବା ବ୍ୟକ୍ତି ଏବଂ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ନିୟମିତ ସଂଳାପ ଓ ସମ୍ପର୍କକୁ ଆହୁରି ସରଳ କରିଦେଇଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମୁଦାୟିକ ସହଭାଗିତାର ସମନ୍ୱୟରେ ଗଠିତ ଭାରତର ଏହି ଅନନ୍ୟ ମଡେଲ୍ ବିଶ୍ୱସ୍ତରରେ ଏକ ମାନଦଣ୍ଡ ଭାବେ ଉଭା ହୋଇଛି ।

ଡିଜିଟାଲ୍ ଏବଂ ଭୌତିକ ଭିତିଭୂମିର ବ୍ୟାପକ ପ୍ରସାର ଦ୍ୱାରା ଓକିଲ ଏବଂ ବିଚାରପତିମାନଙ୍କ ପାଇଁ କାମ କରିବାର ସହଜତାକୁ ଯଥେଷ୍ଟ ସୁଦୃଢ଼ କରାଯାଇଛି । ଯେହେତୁ ଜିଲ୍ଲା ଏବଂ ଅଧଃସ୍ତନ ନ୍ୟାୟପାଳିକା ଅଧିକାଂଶ ନାଗରିକଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ସହିତ ଯୋଗାଯୋଗର ପ୍ରଥମ ବିନ୍ଦୁ, ଏହାକୁ ମଜଭୁତ କରିବା ଏକ ଅତ୍ୟାବଶ୍ୟକ ଏବଂ ବ୍ୟବହାରିକ ପ୍ରାଥମିକତା ରହିଛି । ଏଥିପାଇଁ, କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ କୋର୍ଟ କୋଠା, ଓକିଲ ଚାମ୍ବର, ଆବାସିକ ୟୁନିଟ୍ ଏବଂ ଡିଜିଟାଲ୍ ଭିତିଭୂମି ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଫଳସ୍ୱରୂପ, ଦେଶରେ କୋର୍ଟ କୋଠା ସଂଖ୍ୟା ୨୦୧୪ରେ ୧୫,୮୧୮ରୁ ବୃଦ୍ଧି ପାଇ ୨୨,୭୧୨ ହୋଇଛି ଏବଂ ଅତ୍ୟାଧୁନିକ ସମନ୍ୱିତ କୋର୍ଟ କମ୍ପ୍ଲେକ୍ସ ବିକାଶ ପାଇଁ ୨୦୧୪ ମସିହା ପରଠାରୁ ୯,୪୦୦.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହା ସହିତ, ୭,୨୦୦ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ଆରମ୍ଭ ହୋଇଥିବା ଇ-କୋର୍ଟସ୍ ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ, କୋର୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଡିଜିଟାଲ୍, କାଗଜବିହୀନ ଏବଂ କୃତ୍ରିମ ପ୍ରଜ୍ଞା-ସକ୍ଷମ ନ୍ୟାୟ ପ୍ରଦାନ ପ୍ରତିଷ୍ଠାନରେ ପରିଣତ କରିବାର ଲକ୍ଷ୍ୟ ରଖିଛି । ଭିଡିଓ କନଫରେନ୍ସିଂ ସୁବିଧା, ଭର୍ଚୁଆଲ୍ କୋର୍ଟ ଏବଂ କୋର୍ଟ କାର୍ଯ୍ୟର ଲାଇଭ୍ ଷ୍ଟ୍ରିମିଂ ଭଳି ପଦକ୍ଷେପ ନ୍ୟାୟପାଳିକାକୁ ଲୋକଙ୍କ ନିକଟତର କରିଛି ଏବଂ ନ୍ୟାୟ ପ୍ରଦାନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ଦକ୍ଷ କରିଛି ।

ଭାରତ ଭଳି ଏକ ଭାଷାଗତ ବିବିଧ ଦେଶରେ, ନାଗରିକମାନଙ୍କ ପାଇଁ ସହଜ ବୁଝିବା ନ୍ୟାୟର ସହଜତାର ବ୍ୟାପକ ଢାଂଚାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଏହି ଉଦ୍ଦେଶ୍ୟ ଦିଗରେ, ସୁପ୍ରିମକୋର୍ଟ ଆଇନଗତ ଅନୁବାଦ ସଫ୍ଟୱେର୍ (ସୁଭାଷ) ଏବଂ 'ଭାଷିନୀ' ଭଳି କୃତ୍ରିମ ପ୍ରଜ୍ଞା-ଚାଳିତ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଉପକରଣଗୁଡ଼ିକ ସୁପ୍ରିମକୋର୍ଟଙ୍କ ରାୟ ଏବଂ ନିର୍ଦ୍ଦେଶଗୁଡ଼ିକୁ ୧୮ଟି ଭାରତୀୟ ଭାଷାରେ ଅନୁବାଦ କରୁଛନ୍ତି, ଯାହା ସାଧାରଣ ଲୋକଙ୍କ ପାଇଁ ଆଇନଗତ ସୂଚନାକୁ ଅଧିକ ସୁଗମ କରିଛି । ଏହି ପ୍ରୟାସକୁ ଆହୁରି ସୁଦୃଢ଼ କରିବା ନିମନ୍ତେ, ଏକ ପରିସଂଖ୍ୟାନ ଏବଂ ବିଶ୍ଳେଷଣାତ୍ମକ ପ୍ଲାଟଫର୍ମ, ନ୍ୟାସନାଲ ଜୁଡିସିଆଲ୍ ଡାଟା ଗ୍ରୀଡ୍ (ଏନ.ଜେ.ଡି.ଜି.), ୩୪୦ ନିୟୁତରୁ ଅଧିକ କୋର୍ଟ ଆଦେଶ ଏବଂ ସେମାନଙ୍କ ସମ୍ବନ୍ଧିତ ସୂଚନାର ବିଶ୍ଳେଷଣକୁ ଗୋଟିଏ କ୍ଲିକ୍ ମାଧ୍ୟମରେ ଉପଲବ୍ଧ କରାଇଥାଏ । ଏହା ସହିତ, ସରକାର ଆଇନକୁ ଅଧିକ ସରଳ ଏବଂ ନାଗରିକ-ଅନୁକୂଳ କରିବା ପାଇଁ ଶିକ୍ଷାବିତ୍ମାନଙ୍କ ସହଯୋଗରେ ସରଳ ଏବଂ ସହଜ ଆଇନଗତ ଖସଡ଼ାକୁ ପ୍ରୋତ୍ସାହିତ କରୁଛନ୍ତି ।

ଭାରତରେ ଏକ ନୂତନ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଦ୍ୱାରା ଔପନିବେଶିକ ଦଣ୍ଡ ସଂହିତାକୁ ବଦଳାଇ ଏକ ନୂତନ ନ୍ୟାୟିକ ବ୍ୟବସ୍ଥା ସୃଷ୍ଟି ହୋଇଛି । ଇ-କୋର୍ଟ, ଇ-ପ୍ରସିକ୍ୟୁସନ, ଇ-କାରାଗାର ଏବଂ ଇ-ଫରେନ୍ସିକ୍ସକୁ ଅପରାଧ ଏବଂ ଅପରାଧିକ ଟ୍ରାକିଂ ନେଟୱାର୍କ ଏବଂ ସିଷ୍ଟମ (ସି.ସି.ଟି.ଏନ.ଏସ.) ସହିତ ଏକୀକୃତ କରିବା ମଧ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନମୂଳକ ପଦକ୍ଷେପ । ନ୍ୟାୟ ଶ୍ରୁତି ପ୍ଲାଟଫର୍ମ ସାକ୍ଷୀଙ୍କ ବୟାନ ରେକର୍ଡିଂ ଏବଂ ଭର୍ଚୁଆଲ୍ ଉପସ୍ଥାନ ପ୍ରକ୍ରିୟାକୁ ଏତେ ଦକ୍ଷତାର ସହିତ ସହଜ କରିଛି ଯେ ଯେତେବେଳେ ଗୋଟିଏ କୋର୍ଟ ଜଣେ ନାଗରିକଙ୍କୁ ଜାମିନ ପ୍ରଦାନ କରେ, ଡିଜିଟାଲ୍ ଜାମିନ ଆଦେଶ ତୁରନ୍ତ ଜେଲ ପୋର୍ଟାଲରେ ସ୍ଥାନାନ୍ତରିତ ହୁଏ, ଯାହା କାଗଜପତ୍ର ଏବଂ ପ୍ରଶାସନିକ ବିଳମ୍ବକୁ ଦୂର କରେ ଯାହା ପାରମ୍ପାରିକ ଭାବରେ ସମୟାନୁସାରେ ମୁକ୍ତିକୁ ବାଧା ଦେଉଥିଲା । ଏହା ମାମଲା ତଥ୍ୟର ପ୍ରକୃତ-ସମୟ ଆଦାନପ୍ରଦାନକୁ ସକ୍ଷମ କରେ ଏବଂ ଏକ ଆନ୍ତଃ-ପରିଚାଳିତ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା (ଆଇ.ସି.ଜେ.ଏସ.) ପାଇଁ ମାର୍ଗ ପ୍ରଶସ୍ତ କରେ ।

ଉଚ୍ଚ ନ୍ୟାୟପାଳିକାର ଆବଶ୍ୟକତା ପୂରଣ କରିବା ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଉଚ୍ଚ ନ୍ୟାୟାଳୟରେ ବିଚାରପତିଙ୍କ ଅନୁମୋଦିତ ସଂଖ୍ୟା ୨୦୧୪ରେ ୯୦୬ରୁ ବୃଦ୍ଧି ପାଇ ବର୍ତମାନ ୧,୧୨୨ ହୋଇଛି । ସୁପ୍ରିମକୋର୍ଟରେ ମଧ ପୂର୍ବରୁ ବିଚାରପତିଙ୍କ ସଂଖ୍ୟା ୩୧ ଥିଲା, ଯାହାକୁ ୨୦୧୯ରେ ୩୪କୁ ବୃଦ୍ଧି କରାଯାଇଥିଲା ଏବଂ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧ୍ୟାଦେଶ, ୨୦୨୬ ମାଧ୍ୟମରେ ଏହା ପୁଣି ଥରେ ୩୮କୁ ବୃଦ୍ଧି କରାଯାଇଥିଲା । ଗତ ୧୨ ବର୍ଷ ମଧ୍ୟରେ ଦେଶର ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ସାମାଜିକ ଭାବରେ ବିବିଧ ପୃଷ୍ଠଭୂମିରୁ ୧,୧୭୫ ଜଣ ବିଚାରପତି ଏବଂ ସୁପ୍ରିମକୋର୍ଟରେ ୭୭ ଜଣ ବିଚାରପତିଙ୍କ ନିଯୁକ୍ତି ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାର ସମନ୍ୱିତ ପ୍ରୟାସକୁ ପ୍ରତିଫଳିତ କରେ ।



ଶ୍ରୀ ଅର୍ଜୁନ ରାମ ମେଘୱାଲ

ଏହା ସ୍ପଷ୍ଟ ଯେ ଅନାବଶ୍ୟକ ଆଇନର ଜଟିଳତା ଅଂଶୀଦାରମାନଙ୍କ ଉପରେ ଅନାବଶ୍ୟକ ବୋଝ ପକାଇଥାଏ । ଏହି ଭାବନାକୁ ଦୃଷ୍ଟିରେ ରଖି ୪୦,୦୦୦ରୁ ଅଧିକ ଅନାବଶ୍ୟକ ଅନୁପାଳନର ଉଚ୍ଛେଦ ଏବଂ ୧,୬୨୫ ଅନାବଶ୍ୟକ ଏବଂ ପୁରୁଣା ଉପନିବେଶବାଦୀ ଯୁଗର ଆଇନର ପ୍ରତ୍ୟାହାର ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ କରିବାର ସହଜତାରେ ଯଥେଷ୍ଟ ଉନ୍ନତି ଆଣିଛି । ଏହା ବ୍ୟତୀତ, ମଧ୍ୟସ୍ଥତା ଆଇନକୁ ସୁଦୃଢ଼ କରିବା, ଭାରତ ଅନ୍ତର୍ଜାତୀୟ ମଧ୍ୟସ୍ଥତା କେନ୍ଦ୍ର ଭଳି ପ୍ରତିଷ୍ଠାନ ସ୍ଥାପନ କରିବା ଏବଂ ମଧ୍ୟସ୍ଥତା ଆଇନ ୨୦୨୩ ମାଧ୍ୟମରେ ବିକଳ୍ପ ବିବାଦ ସମାଧାନ (ଏ.ଡି.ଆର.)କୁ ପ୍ରୋତ୍ସାହିତ କରିବା ଏହି କ୍ଷେତ୍ରରେ ଭାରତର ବିଶ୍ୱ ନେତୃତ୍ୱକୁ ପ୍ରଦର୍ଶନ କରେ ।

ଯେତେବେଳେ ସମଗ୍ର ବିଶ୍ୱ ଜଟିଳ ଭୂ-ରାଜନୈତିକ ପରିବର୍ତ୍ତନ ଏବଂ ଆର୍ଥିକ ଅନିଶ୍ଚିତତା ଦେଇ ଗତି କରୁଛି, ସେତେବେଳେ ଭାରତର ଆଇନଗତ ଏବଂ କୂଟନୈତିକ ନେତୃତ୍ୱ ୨୦୨୬ ମସିହାରେ ବ୍ରିକ୍ସ ଦେଶଗୁଡ଼ିକର ଆଇନ ମନ୍ତ୍ରୀମାନଙ୍କ ବୈଠକରେ ଗାନ୍ଧୀନଗର ଘୋଷଣାପତ୍ର ଗ୍ରହଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହା ମଧ୍ୟସ୍ଥତା ଏବଂ ବିବାଦ ସମାଧାନକୁ ଅଧିକ ପ୍ରଭାବଶାଳୀ ଏବଂ ସୁଗମ ବ୍ୟବସ୍ଥା ମାଧ୍ୟମ ଭାବରେ ପ୍ରତିଷ୍ଠା କରିବା ପାଇଁ ଏକ ସାମୂହିକ ପ୍ରତିବଦ୍ଧତା । ଏପରି ବିଶ୍ୱସ୍ତରୀୟ ସହଯୋଗର ଲକ୍ଷ୍ୟ ହେଉଛି କୋର୍ଟଗୁଡ଼ିକରେ ମାମଲାଗୁଡ଼ିକର ବ୍ୟାକ୍ ଲଗ (ପିଛିଲା ମାମଲାର ବୋଝ) ହ୍ରାସ କରିବା, ବାଣିଜ୍ୟ ଏବଂ ନିବେଶ ପାଇଁ ଏକ ସ୍ଥିର ଏବଂ ସୁସଜ୍ଜିତ ପରିବେଶ ସୃଷ୍ଟି କରିବା ଉପରେ ଦୃଢ଼ ଗୁରୁତ୍ୱ ଦେବା ଏବଂ ଅନାବଶ୍ୟକ ମାମଲାକୁ ଏଡାଇବା । ଏହି ସମସ୍ତ ପଦକ୍ଷେପ ଏକ ସମାନ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ଏବଂ ଏହା ନିଶ୍ଚିତ କରୁଛି ଯେ ନ୍ୟାୟ ପାଇବାକୁ ଇଚ୍ଛା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ଦାୟିତ୍ୱବାନ, ସୁଗମ ଏବଂ ସହଯୋଗୀ ଶାସନ ବ୍ୟବସ୍ଥା ମିଳୁ । ଯେପରି ଆମ ଦେଶ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ବିକଶିତ ଭାରତ @୨୦୪୭ ର ଯାତ୍ରାରେ ଆଗକୁ ବଢୁଛି, ଆମେ ଏକ ଏଭଳି ଭବିଷ୍ୟତର ନ୍ୟାୟିକ ପ୍ରଣାଳୀ ଗଠନ ପାଇଁ ଦୃଢ଼ ସଂକଳ୍ପବଦ୍ଧ, ଯାହା ନମନୀୟ, ଅଭିନବ, ସମାବେଶୀ ଏବଂ ୧୪୦ କୋଟି ଭାରତୀୟଙ୍କ ସାମୂହିକ ଆକାଂକ୍ଷା ଦ୍ୱାରା ଅନୁପ୍ରାଣିତ ।

**(ଲେଖକ କେନ୍ଦ୍ର ସରକାରରେ ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ ।)**



# ବ୍ରହ୍ମପୁରରେ ଭବ୍ୟ ସମାରୋହରେ ପାଳିତ ହେଲା ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬



ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ମହାନଗର ନିଗମ (ଇରଗଡ) ଓ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ରବିବାର ପ୍ରାତଃ ୬ଟାରେ ମହାତ୍ମା ଗାନ୍ଧୀ କ୍ରୀଡାଙ୍ଗନଠାରେ ଭବ୍ୟ ଭାବରେ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ସହରର ବିଭିନ୍ନ ସାମାଜିକ, ଶିକ୍ଷାନୁଷ୍ଠାନ, ଯୋଗ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶତାଧିକ ଯୋଗସାଧକ ଯୋଗଦେଇ ସମ୍ମିଳିତ ଭାବେ ଯୋଗାଭ୍ୟାସ କରିଥିଲେ ।କାର୍ଯ୍ୟକ୍ରମରେ ବ୍ରହ୍ମପୁର ଲୋକସଭା ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି, ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାର ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ବ୍ରହ୍ମପୁର ମହାନଗର ନିଗମ କମିଶନର ଶ୍ରୀମତୀ ଅକାଭରମ ସାସ୍ୟା ରେଡ୍ଡୀ, (ଆଇ.ଏ.ଏସ) ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ଡ଼ଃ ଶଙ୍କର ମାଝୀ ଅତିଥିମାନଙ୍କୁ ମଂଚାସୀନ କରାଇଥିବା ବେଳେ ଆୟୋଜକ କମିଟିର ପରାମର୍ଶଦାତା ଶ୍ରୀ ଶୁଶାନ୍ତ କୁମାର ସାବତ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଅତିଥିମାନେ ନିଜ ଅଭିଭାଷଣରେ ଯୋଗକୁ ଭାରତର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ବର୍ଣ୍ଣନା କରିବା ସହ ଏହା ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ । ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଶରୀର, ଶାନ୍ତ ମନ ଓ ସୁସଂଗଠିତ ସମାଜ ଗଠନ ସମ୍ଭବ ବୋଲି ସେମାନେ କହିଥିଲେ ।

ପରେ ନୀଳାକ୍ଷୀ ଦିଦିଙ୍କ ନେତୃତ୍ୱରେ ରୁନୀ ମଲ୍ଲିକ ଓ ହେମନ୍ତ ସାବରଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ସଫଳ ପ୍ରଦର୍ଶନ କରାଯାଇଥିଲା । ଉପସ୍ଥିତ ଯୋଗସାଧକମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରିଥିଲେ ।ଡ଼ଃ ଶଙ୍କର ମାଝୀଙ୍କ ଦ୍ୱାରା ଯୋଗ ସଙ୍କଳ୍ପ ପାଠ କରାଯାଇଥିଲା, ଯେଉଁଥିରେ ସମସ୍ତେ ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟ, ଶାନ୍ତି ଓ ସାମାଜିକ ସମନ୍ୱୟ ପାଇଁ ନିଜକୁ ସମର୍ପିତ କରିବାର ପ୍ରତିଜ୍ଞା କରିଥିଲେ । ଶେଷରେ ଶ୍ରୀ ଅଙ୍କିତ ସେନାପତିଙ୍କ ନେତୃତ୍ୱରେ "ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ" ଶାନ୍ତିପାଠ କରାଯାଇଥିଲା ।କାର୍ଯ୍ୟକ୍ରମର ସମନ୍ୱୟକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିବେକାନନ୍ଦ କେନ୍ଦ୍ରର କର୍ମକର୍ତା, ସ୍ୱେଚ୍ଛାସେବୀ ଓ ବ୍ରହ୍ମପୁର ମହାନଗର ନିଗମର ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଏବଂ ବ୍ରହ୍ମପୁର ମହାନଗର ନିଗମ ପୌରପାଳିକା ତରଫରୁ ଉପସ୍ଥିତ ଯୋଗସାଧକ ମାନଙ୍କୁ ଯୋଗା ଗଞ୍ଜି(ଞ୍ଜ-ଶ୍ପଷସକ୍ସଶ୍ପ) ବଂଟନ କରାଯାଇଥିଲା ।କାର୍ଯ୍ୟକ୍ରମ ପରିସମାପ୍ତି ପରେ ଗଙ୍କଭସମକ୍ଟ ରକ୍ଟକ୍ଟୟଶ୍ପ ଚଙ୍ଖଶ୍ପ.ଖଶ୍ପୟ ତରଫରୁ ଡକ୍ଟରସ୍ ଫୋରମ୍ ବ୍ରହ୍ମପୁର ଓ ଅର୍ଜୁନ ହସ କ୍ଲବ ସହଯୋଗରେ ଗଙ୍କଭସମକ୍ଟ ଗସକ୍ଷ-କ୍ଷରଶ୍ପ ଚକ୍ସକ୍ଟଭସକ୍ଟଶ୍ପସମ ମୃଦୁପାନୀୟ ଓ ପରେ ମାନ୍ୟବର ବିଧାୟକ ବ୍ରହ୍ମପୁର ଙ୍କ ତରଫରୁ ସ୍ୱାସ୍ଥ୍ୟକର ଜଳପାନ ରେ ଉପସ୍ଥିତ ସଦସ୍ୟ ମାନଙ୍କୁ ଆପ୍ୟାୟିତ କରାଯାଇଥିଲା ।

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ତୃତୀୟ ଦିବସରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ



ବାଲିଆପାଳ,(ନିପ୍ର) ରାଜ୍ୟ ସରକାରଙ୍କ ଦୁଇ ବର୍ଷ ଶାସନର ପୂର୍ତି ଅବସରରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ୭ ଦିନିଆ ସ୍ୱତନ୍ତ୍ର କର୍ଯ୍ୟକ୍ରମର ତୃତୀୟ ଦିବସ ସୋମବାର ବାଲିଆପାଳ ବ୍ଲକ ପରିସରରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଆପାଳ ବ୍ଲକ ସିଡ଼ିପିଓ ସୁମିତା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମେରେ ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ୨୦୨୪ ମସିହା ଓଏଏସ ପରୀକ୍ଷାରରେ ଉତିର୍ଣ୍ଣ ବାଲିଆପାଳ ଅଂଚଳର ଯୁବକ ପ୍ରୀତି ବଲ୍ଲଭ ପାତ୍ର, ସଫଳ ସୁଭଦ୍ରା ଆରତୀ କୁହ୍ଲାରୀ, ଲକ୍ଷପତି ଦିଦି ଚନ୍ଦ୍ରକାନ୍ତି ଜେନାଙ୍କ ସହିତ ସଫଳ ଉଦୋଗୀ ରଘୁନାଥ ବେହେରା ଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ସହିତ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଆପାଳ ବ୍ଲକ ଶିକ୍ଷ ଅଧିକାରୀ ଅମ୍ବୁଜ ମହାନ୍ତ , କର୍ମ ନିୟୋଜନ ଅଧିକାରି ଅବନୀ ବେହେରା କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଫିଲୋସଫି ଅଧାପକ ଅଭିଳାଷ ବେହେରା ଜିଲ୍ଲା ଶିକ୍ଷ କେନ୍ଦ୍ର ପକ୍ଷରୁ ଖିତିଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟରେ କହିଥିଲେ କି ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେଲେ ସମୃଦ୍ଧ ଓଡ଼ିଶା ଗଠନରେ ହୋଇପାରିବ ।ଏଦିଗରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ବିଷୟରେ ଉପସ୍ଥିତ ଜନତାଙ୍କୁ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ।କାର୍ଯ୍ୟକ୍ରମରେ ଜିପିଡିଓ ପ୍ରିୟବ୍ରତ ଗିରିଙ୍କ ତତ୍ୱାବଧାନରେ ଅନୁଷ୍ଠିତି ଏହି କାର୍ଯ୍ୟ କ୍ରମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଅରଶ୍ମିତା ଜେନା, ବିପିଏମ ଉତମ କୁମାର ସାହୁ, ବାଲିଆପାଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦିତ କୁମାର ମାହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ

ବୈଶିଙ୍ଗା (ନି.ପ୍ର.)ରାଜ୍ୟ ସରକାର ରାଜ୍ୟରେ ଚାଲିଥିବା ବିକାଶ ର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ରେ ଆଜି ବଡ଼ସାହି ନିର୍ବାଚନ ମଣ୍ଡଳି ର ବେତନଟି ବ୍ଲକ ର ଅଁଳା, ଆମ୍ବଗୋଡ଼ିଆ, ଓ ରଘୁପୁର ପଂଚାୟତ ରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ର ଶୁଭାରମ୍ଭ କରା ଯାଇଛି ଏଥିରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ର ଲୋକ ପ୍ରିୟ ବିଧାୟକ ସୋନାତନ ବିଜୁଳି ନୂତନ ରେସନ କାର୍ଡ ବଂଟନ ସହ ଶୁଭା ରମ୍ଭ କରିଛନ୍ତି ଏଥିରେ ବେତନଟି



ବ୍ଲକ ର ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରା ଉପସ୍ଥିତ ରହି ଏହି ନୂତନ ଯୋଜନା ବିଷୟରେ ଜଣାଇଥିଲେ ଏହିପରି ତିନି ପଂଚାୟତରେ ଶୁଭାରମ୍ଭ କରାଯାଇଛି ଏଥିରେ ପଂଚାୟତ ର ସରପଂଚ, ସମିତି ସଭ୍ୟ, ଅୱାର୍ଡ ମେମ୍ବର ପଂଚାୟତ ର ପିଓ, ଯୋଗାଣ ସହାୟକ ଏବଂ ବିଜେପି ର କର୍ମୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୋହଯୋଗ କରିଥିଲେ ।

# ରୋଗୀ ସେବା କରୁଥିବା ବେଳେ ହୃଦ୍‌ଘାତରେ ଡାକ୍ତରଙ୍କ ମୃତ୍ୟୁ

ନୀଳଗିରି(ନି.ପ୍ର.):ଜୈନିକ ଡାକ୍ତର ଗତକାଲି ବିଳମ୍ବିତ ରାତିରେ କାର୍ଯ୍ୟରତ ଥିଲା ବେଳେ ହୃଦଘାତ ରେ ମୃତ୍ୟୁ ଯୋଗୁ ପରିବାର ଓ ଡାକ୍ତରଖାନାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ଜାମୁଡିହା ପଂଚାୟତ ଜାମୁଡିହା ଗାଁର ଭାସ୍କର ସାହୁଙ୍କ ବଡ଼ ପୁତ୍ର ଡାକ୍ତର ରାଜେଶ ସାହୁ ଯାଜପୁର ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ମେଡିସିନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟରତ ଥିଲେ ।ଗତକାଲି ରାତିରେ ତାଙ୍କର ରାତି ଡିଉଟି ଥିଲା । ରାତ୍ରି ପ୍ରାୟ ୧୨.୩୦ ମିନିଟ ସମୟ କାର୍ଯ୍ୟରତ ଥିଲା ବେଳେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ହସ୍ପିଟାଲ ରେ କିଛି ସମୟ ବିଶ୍ରାମ ନେଲା ପରେ ଅଧିକ ଯନ୍ତ୍ରଣା ହେବାରୁ ସେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲ କୁ ଯାଇଥିଲେ ।ଚିକିତ୍ସା ଧୀନ ଅବସ୍ଥାରେ ଆଜି ସକାଳ ୬ଟା ସମୟ ରେ ତାଙ୍କର ମୃତ୍ୟୁ ହୋଇଯାଇଛି ।ଏହି ଖବର ପ୍ରଚାର ହେବାକ୍ଷଣି ପରିବାର, ଗାଁ ଓ ଯାଜପୁର ହସ୍ପିଟାଲ ଶୋକର ଛାୟା ଖେଳିଯାଇଛି ।ଡାକ୍ତର ସ୍ୱର୍ଗତ ରାଜେଶ ଙ୍କ ମର ଶରୀର ଆଜି ଅପରାହ୍ନ ୫ଟା ସମୟରେ ସଜନାଗଡ଼ ପହଁଚିବା ପରେ ଏକ ଶୋଭା ଯାତ୍ରାରେ ନେଇ ଗାଁ ପରିକ୍ରମା କରିବା ପରେ ଗାଁ ମଶାଣି ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।ସାନଭାଇ ଡାକ୍ତର ଦିପକ ସାହୁ ମୁଖାଗ୍ନି ଦେଇଥିବା ବେଳେ ତାଙ୍କର ଏକ ମାତ୍ର ୮ବର୍ଷ ଝିଅ ଅଛି ।ଉକ୍ତ ଘଟଣାର ରେ ବାପା, ମାଆ, ସ୍ତ୍ରୀ ,ମାମୁଁ, ମାଇଁ,ସମ୍ପର୍କୀୟ, ଗ୍ରାମବାସୀ ମାନେ ଭାଙ୍ଗି ପଡିଛନ୍ତି ।ସ୍ୱର୍ଗତ ଡାକ୍ତର ରାଜେଶ ଜଣେ ମେଳାପି, ମିଷ୍ଟଭାଷି, ପରୋପକାରୀ, ବନ୍ଧୁ ବତ୍ସଳ ମଣିଷ ଥିଲେ ।

# ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ ବୃକ୍ଷ ରୋପଣ

ନୀଳଗିରି,(ନି.ପ୍ର.) ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଂଚାୟତ ସନ୍ତରାଗଡିଆ ଗ୍ରାମ ର ବସୁଧା ଉତ୍ପାଦିକା ଗୋଷ୍ଠୀ ତରଫରୁ



ଜୁରିଆପାଟଣା ଗ୍ରାମ ର ଖୁମକୁଟ ଗୋଡ଼ିଖୋଲା ରାସ୍ତା ର ଉଭୟ ପାର୍ଶ୍ୱ ରେ ଉତ୍ପାଦିକା ଗୋଷ୍ଠୀ ର ସଦସ୍ୟା ତଥା ଜୁରିଆପାଟଣା ଗ୍ରାମ ର ଗ୍ରାମବାସୀ ଙ୍କ ସହାୟତା ରେ ବୃକ୍ଷ ରୋପଣ କରାଯାଇଛି, ଉତ୍ପାଦିକା ଗୋଷ୍ଠୀ ର ଏଲଏସପି ଅରୁଣା ବାରିକ, ସମ୍ପାଦିକା ସଂଯୁକ୍ତା ଦଳପତି, କ୍ଷଣପ୍ରଭା ଜେନା, ସସ୍ମିତା ପରିଡା, କୌଶଲ୍ୟା ମଳିକ, ତାରାମାଣୀ ଜେନା, ଶୁଶିଳା ମଳିକ, ଜାନକୀ ମଳିକ, ଟିଲୋତମକ୍ଷ ମଳିକ, ସଞ୍ଜୁଲତା ମଳିକ, ସୁମ ମଳିକ ବୃକ୍ଷ ରୋପଣ ରେ ସାମିଲ ଥିବା ବେଳେ ଜୁରିଆ ପାଟଣା ଗ୍ରାମ ର ମାନସ ମଳିକ ସହଯୋଗ କରିଥିଲେ ।

# ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ଦେହାନ୍ତ

ନୂଆପଡ଼ା,(ନି.ପ୍ର) ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ନ୍ୟୁଜ୍ ୭ ଓ ବଙ୍ଗୋମୁଣ୍ଡା ବ୍ଲକ ସମାଜ ପତ୍ରିକାର ପ୍ରତିନିଧ ସାମ୍ବାଦିକ ଅଶୋକ ନାରାୟଣ ଭୋଇଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ବୟସ ହୋଇଥିଲା ।ସୂଚନା ଅନୁଯାୟୀ, ଅତ୍ୟଧିକ ରକ୍ତଚାପ ଯୋଗୁଁ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଖଡ଼ିଆଳ ମିଶନ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଇଥିଲା । ପରେ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଛତିଶଗଡ଼ର ରାୟପୁର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ମୁରୀବାହାଲ ବ୍ଲକ ବ୍ଲକ ଗୋଇମୁଣ୍ଡ ଗ୍ରାମର ବାସିନ୍ଦା ଶ୍ରୀ ଭୋଇ ୨୦୦୯ ମସିହାରୁ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଥିଲେ । ସେ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ଓ ବଲାଙ୍ଗୀର ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ଉପ ସଭାପତି ଭାବେ ଦାୟିତ୍ୱ ତୁଲାଉଥିଲେ । ତାଙ୍କର ଦୁଇ ଝିଅ ୧୫ ବର୍ଷର ଓ ୧୨ ବର୍ଷର ଝିଅ ଅଛନ୍ତି । ତାଙ୍କ ଦେହାନ୍ତ ଖବର ପାଇ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି । ଏଣୁ ଖଡ଼ିଆଳ ଶ୍ୟାମକୁମ ଲଜ ପରିସରେ ସାମ୍ବାଦି ମାନଙ୍କ ତରଫରୁ ଶୋକ ସଭା ଆୟୋଜନ କରାଯାଇ ଇଥିଲା । ଏଥିରେ ସାମ୍ବାଦିକ ବିଶ୍ୱଜିତ ପାଢ଼ୀ, ପାତ୍ର ବିଜୟ ଜୟ କୁମାର ସହିସ, ମୋତିଲାଲ ବାଗ, ପରମେଶ୍ୱର ବାରିକ, ସୁଜିତ କୁମାର ପ୍ରଧାନ, କୁନାଲ ଚରଣ ବେହେ ହେରା, ହେମନ୍ତ କୁମାର ବେହେରା, ଯୁଗେଶ୍ୱର ଶଗରିଆ, ଦେବାନନ୍ଦ ତାଣ୍ଡି, ରୁଦ୍ରରାଜ ବାଗ,ଶାମ୍ଭ କୁମାର ସରାଫ, ବାପିନା ସାହୁ, ଗଣେଶ ରଣା, ଓମ ପ୍ରକାଶ ଚୌଧୁରୀ, ଦିନବନ୍ଧୁ ଛତ୍ରିଆ, ମୋହନ ଲାଲ ଦୀପ, କଲିମ ଖାନ, ଲୋକନାଥ ପଟେଲ ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଶୋକ ସନ୍ତପ୍ତ ପରିବାରକୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଧରିବାକୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ସାମୁହିକ ଭାବେ କାମନା କ କରିଛନ୍ତି ।



# ସମୟୋପଯୋଗୀ ପଦକ୍ଷେପରେ ଗୁରୁତର ଆହତ ଗାଈକୁ ମିଳିଲା ଜୀବନଦାୟୀ ଚିକିତ୍ସା

ବ୍ରହ୍ମପୁର (ନି.ପ୍ର.): ପଶୁପ୍ରେମୀ ତଥା ସାମ୍ବାଦିକ ଲଲାଟେନ୍ଦୁ ଚୌଧୁରୀଙ୍କ ନିରନ୍ତର ପ୍ରୟାସ, ନିଷ୍ଠା ଓ ସେବାଭାବ ଯୋଗୁଁ ବ୍ରହ୍ମପୁର ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ଅସହାୟ ଓ ଆହତ ପଶୁମାନଙ୍କ ଜୀବନ ରକ୍ଷା ପାଇଁ ଏକ ଆଶାର ଆଲୋକ ସୃଷ୍ଟି ହୋଇପାରିଛି । ଆଜି ହଳଦିଆପଦର ନିକଟସ୍ଥ ରାଳବ ଯିବା ରାସ୍ତାରେ ଜାତୀୟ ରାଜପଥ ସମ୍ମୁଖରେ ଏକ ଗାଈ ଅଜଣା ଗାଡ଼ିର ଧକ୍କାରେ ଗୁରୁତର ଭାବେ ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିଲା । ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଥିବା ଏହି ନିରୀହ ପ୍ରାଣୀଟିକୁ ଦେଖି ସେହି ପଥ ଦେଇ ଯାଉଥିବା ସାମ୍ବାଦିକ ବିଭୂତି ଶତପଥୀ ଓ ରମେଶ ଚନ୍ଦ୍ର ବେହେରା ତୁରନ୍ତ ସହାୟତା ପାଇଁ ୧୯୬୨ ହେଲ୍ପଲାଇନ୍ ? ସହ ଯୋଗାଯୋଗ କରିଥିଲେ । କିନ୍ତୁ ତୁରନ୍ତ କୌଣସି ସହାୟତା ନମିଳିବାରୁ ସେମାନେ ପଶୁସେବା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ସାମ୍ବାଦିକ ଲଲାଟେନ୍ଦୁ ଚୌଧୁରୀଙ୍କ ସହ ଯୋଗାଯୋଗ କରିଥିଲେ । ଖବର ପାଇବା ମାତ୍ରେ ଶ୍ରୀ ଚୌଧୁରୀ ପଶୁ ଚିକିତ୍ସା ବିଭାଗର ଅଧିକାରୀମାନଙ୍କ ସହ ତୁରନ୍ତ ସମନ୍ୱୟ ସ୍ଥାପନ କରିଥିଲେ । ଫଳସ୍ୱରୂପ ପଶୁ ଚିକିତ୍ସା ଟିମ୍ ଅତି ଶୀଘ୍ର ଘଟଣାସ୍ଥଳରେ ପହଂଚି ଆହତ ଗାଈଟିକୁ ଆବଶ୍ୟକ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ । ପରେ ଏହାର ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏଭଳି କାର୍ଯ୍ୟକୁ ସହରବାସୀ ଭୂୟସୀ ପ୍ରଶଂସା କରିଥିବାବେଳେ, ପଶୁମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ନିଦର୍ଶନ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଘଟଣା ସମ୍ପର୍କରେ ପଶୁପ୍ରେମୀ ତଥା ସାମ୍ବାଦିକ ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି, 'ରାସ୍ତାରେ ଆହତ ଅବସ୍ଥାରେ ପଡ଼ିଥିବା ପଶୁମାନଙ୍କୁ ଅବହେଳା କରିବା ପରିବର୍ତେ ସେମାନଙ୍କ ପାଇଁ ତୁରନ୍ତ ସହାୟତାର ହାତ ବଢ଼ାଇବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ । ନିରୀହ ପ୍ରାଣୀମାନେ ନିଜ କଷ୍ଟକୁ ଭାଷାରେ ପ୍ରକାଶ କରିପାରନ୍ତି ନାହିଁ, କିନ୍ତୁ ସେମାନଙ୍କ ଯନ୍ତ୍ରଣାକୁ ଅନୁଭବ କରି ସମୟୋପଯୋଗୀ ସହଯୋଗ କରିବା ହିଁ ପ୍ରକୃତ ମାନବିକତାର ପରିଚୟ । ଆଜି ସମସ୍ତଙ୍କ ମିଳିତ ପ୍ରୟାସରେ ଗାଈଟି ଚିକିତ୍ସା ପାଇପାରିଲା । ଯଦି ପ୍ରତ୍ୟେକ ନାଗରିକ ଏଭଳି ସଚେତନତା ଓ ଦାୟିତ୍ୱବୋଧ ପ୍ରଦର୍ଶନ କରନ୍ତି, ତେବେ ଅନେକ ନିରୀହ ପ୍ରାଣୀଙ୍କ ଜୀବନ ରକ୍ଷା କରାଯାଇପାରିବ ।



# ପିଇବା ପାଣି ଯୋଗାଇ ପାରୁନି ମେଗା ପାନୀୟ ଜଳ ପ୍ରକଳ୍ପ, ଗ୍ରାମବାସୀ ପକ୍ଷରୁ ରାସ୍ତା ଅବରୋଧ

ନୀଳଗିରି,(ନି.ପ୍ର.): ନୀଳଗିରି ବ୍ଲକ ଜାମୁଡିହା ପଂଚାୟତର ଗୁଡିଶୂଳ ଗ୍ରାମର ୩ ଓ ୪ ନମ୍ବର ୱାର୍ଡ଼ ର ଦୀର୍ଘ ଦିନ ଧରି ଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି ।ଏହାକୁ ବିରୋଧ କରି ଗ୍ରାମର ମହିଳା ,ପୁରୁଷ ମାନେ ସଜନାଗଡ଼-ଅଯୋଧ୍ୟା ମୁଖ୍ୟ ରାସ୍ତାର ଗୁଡିଶୂଳ ଛକ ନିକଟରେ ରାସ୍ତା ଉପରେ ବାଲତି ଓ ଗରା ରଖି ରାସ୍ତା ଅବରୋଧ କରିଥିଲେ ।ଗ୍ରାମର ୩ ନମ୍ବର ୱାର୍ଡ଼ ସଭ୍ୟ ପରମେଶ୍ୱର ବେହେରା ଓ ୪ ନମ୍ବର ୱାର୍ଡ ସଭ୍ୟା ମଞ୍ଜୁ ଲତା ସିଂ ଙ୍କ ନେତୃତ୍ୱ ରେ ଫୁଲମଣି ସିଂ, ସଂଜୁଲତା ବାଶ୍ୱାଳ, ଂଚାନନ ବିଶ୍ୱାଳ,ମାଳତୀ ମୁର୍ମୁ,ଗୁରୁବାରୀ ସିଂ, ସରୋଜ କୁମାର ବେହେରା, ତାପସ କୁମାର ସେଠୀ, ସମେତ ବହୁ ଗ୍ରାମବାସୀଙ୍କ ଅଭିଯୋଗ କରି ଅଂଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ ଏହାର ସୁଫଳ ଲୋକଙ୍କ ପାଖକୁ ପହଂଚି ପାରୁନାହିଁ । ପାଣି ଅଭାବ ଯୋଗୁଁ ଗ୍ରାମବାସୀ ବାଧ ହୋଇ ପୋଖରୀ ପାଣି ବ୍ୟବହାର କରୁଥିବା ବେଳେ ଅନେକ ଲୋକ ଦୂରଦୂରାନ୍ତରୁ ପାଣି ଆଣିବାକୁ ବାଧ ହେଉଛନ୍ତି । ଏହା ଫଳରେ ଗ୍ରାମର ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗ୍ରାମରେ ଯେପର୍ଯ୍ୟନ୍ତ ସ୍ଥାୟୀ ଭାବେ ପାଣି ସମସ୍ୟାର ସମାଧାନ ନହେଉଛି,ସେପର୍ଯ୍ୟନ୍ତ ସେମାନେ ରାସ୍ତା ରୋକ ଜାରି ରଖିବେ । ଘଟଣାକୁ ନେଇ ଅଂଚଳ ରେ ଉତେଜନା ଲାଗି ରହିଥିଲା । ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ନୀଳଗିରି ଆର.ଡବ୍ଲୁ. ଏସ.ଏସ. ଏସ୍ ?ଡ଼ିଓ ଇଂ ପୂର୍ଣ୍ୟ ମୟୀ ପଟ୍ଟନାୟକ,ଜେଇ ଇଂ.ମହେଶ୍ୱର ସିଂ, ଇଂ. ପ୍ରୀତିଲତା ବାରିକ ଘଟଣା ସ୍ଥଳ ରେ ପହଂଚି ଆସନ୍ତାକାଲି ଠାରୁ ଟ୍ରେଙ୍କର ଯୋଗେ ଦିନକୁ ୨ଥର ପାଣି ଦେବା ସହିତ ବସୁଧାଯୋଜନା ଟାଙ୍କି ନିକଟରେ ୧ମାସ ମଧ୍ୟରେ ୨ ଟି ପ୍ରକଳ୍ପ କରି ଗ୍ରାମକୁ ପାଣି ଦେବେ ବୋଲି ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧକାରୀ ମାନେ ଅପରାହ୍ନ ପ୍ରାୟ୨ଟା ସମୟ ରେ ଆନ୍ଦୋଳନ ପ୍ରତ୍ୟାହର କରିଥିଲେ ।ଯାତାୟତ ପାଇଁ ବହୁ ଅସୁବିଧା ଦେଖାଯାଇଥିଲା ।

# ଝାରସୁଗୁଡ଼ାରେ ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ



ଝାରସୁଗୁଡା,(ନି.ପ୍ର.) ଝାରସୁଗୁଡା ପଂଚାୟତ ସମିତି ସ୍ତରୀୟ "ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା ସମାବେଶ" ସୋମବାର ସ୍ଥାନୀୟ ଏମସିଏଲ ଅଡିଟୋରିୟମ୍ ?ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଝାରସୁଗୁଡା ମାନ୍ୟବର ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ନିଜ ବକ୍ତବ୍ୟରେ ଯୁବଶକ୍ତି, ନିଯୁକ୍ତି, କୌଶଳ ବିକାଶ ଓ ଆତ୍ମନିର୍ଭରଶୀଳତା ମାଧ୍ୟମରେ ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ଲୋକଙ୍କ ଆଶା ଓ ଆକାଂକ୍ଷାକୁ କେନ୍ଦ୍ର କରି ଆଗେଇ ଚାଲିଥିବା ଏହି ବିକାଶଯାତ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ "ବିକଶିତ ଭାରତ" ସଂକଳ୍ପକୁ ସାକାର କରିବା ସହ "ବିକଶିତ ଓଡ଼ିଶା" ଗଠନରେ ଏକ ଦୃଢ଼ ପଦକ୍ଷେପ ବୋଲି ବିଧାୟକ କହିଛନ୍ତି । ଏହି ଅବସରରେ ଶ୍ରୀ ତ୍ରିପାଠୀ ବିଗତ ଦୁଇ ବର୍ଷ ମଧ୍ୟରେ ଯୁବ ସଶକ୍ତିକରଣ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରିବା ସହ ଯୁବ ସମାଜକୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ଏହି ସମାବେଶରେ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା, ରାସନ କାର୍ଡ, ଆୟୁଷ୍ମାନ କାର୍ଡ, ଶ୍ରମିକ କାର୍ଡ ଏବଂ ପ୍ରମାଣପତ୍ର ବଂଟନ କରାଯାଇଥିଲା । 'ମୁଖ୍ୟମନ୍ତ୍ରୀ ଏମ.ଏସ.ଏମ.ଇ ସୁଧ ପ୍ରତିପୂରଣ ଯୋଜନା'ରେ ୩ ଜଣ, ପିଏମ୍-ଏଫଏମଇ ଯୋଜନାରେ ୨ ଜଣ, ପିଏମଇଜିପି ଯୋଜନାରେ ୩ ଜଣ ଏବଂ ନାନୋ ୟୁନିକର୍ଣ୍ଣ ଯୋଜନାରେ ୧୮ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନ୍ନପୂର୍ଣ୍ଣା ଯୋଜନାରେ ୪ ଜଣଙ୍କୁ କାର୍ଡ, ଷ୍ଟେଟ୍ ପ୍ଲାନ୍ ଇନପୁଟ୍ ସବସିଡି ମାଧ୍ୟମରେ ୪ ଜଣଙ୍କୁ ଚାରାଗଛ, ୫ ଜଣ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ମୋବାଇଲ ଫୋନ, ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୨ ଜଣଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୨ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସହ 'ଲକ୍ଷପତି ଦିଦି' ଯୋଜନା ଅନ୍ତର୍ଗତ ସହାୟତା ପ୍ରଦାନ କରାଯାଇଥିଲା । ଚଳିତ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଓ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ଥିଲେ ଝାରସୁଗୁଡା ବ୍ଲକ ଅନ୍ତର୍ଗତ ହଂ. କଟାପାଲି ଗ୍ରାମର ଦିବ୍ୟାଙ୍ଗ ଶିଶୁ ଖୀଲେଶ ବେହେରା । ନିଜର ଅସାଧାରଣ ପ୍ରତିଭା ବଳରେ ସେ ଭଜନ ପରିବେଷଣ କରିବା ସହ ଚମତ୍କାର ମୃଦଙ୍ଗ ବାଦନ କରି ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଅରିନ୍ଦମ ପ୍ରଧାନ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିଲ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଝାରସୁଗୁଡା ଇଞ୍ଜିନିୟରିଂ ସ୍କୁଲର ହିତେଶ୍ୱର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମନିଯୁକ୍ତି ଅଧିକାରୀ ସଙ୍ଗୀତା ମେହେର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାମିଲନାଡୁ ଗ୍ୟାସ୍ ଲିକ୍ ଘଟଣା : ମୃତ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏକ ବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ । ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଆହତ ଓଡ଼ିଆ ଶ୍ରମିକମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମଆରଏଫରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ଯେ, ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କ ସହାୟତା ପାଇଁ ଓଡ଼ିଶା ସରକାର ନିରନ୍ତର ତାମିଲନାଡୁ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି । ଗତକାଲି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ତାମିଲନାଡୁର ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା କରି ଯେପରି ଓଡ଼ିଆ ଶ୍ରମିକ ମାନଙ୍କ ଉପଯୁକ୍ତ ଚିକିତ୍ସା ହୋଇ ପାରିବ ଏବଂ ଅନ୍ୟାନ୍ୟ ସହାୟତା ଠିକ୍ ଭାବରେ ମିଳି ପାରିବ, ସେ ବିଷୟରେ ଆଲୋଚନା କରିଥଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଓଡ଼ିଶା ସରକାରଙ୍କ ତିନି ଜଣ ବରିଷ୍ଠ ଅଧିକାରୀ ତାମିଲନାଡୁର ତିରୁଭଲ୍ଲୁରେ ପହଂଚି ତାମିଲନାଡୁ ଅଧିକାରୀ ମାନଙ୍କ ସହିତ ସମନ୍ୱୟ ରକ୍ଷାକରି ଆହତ ଶ୍ରମିକ ମାନଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସହାୟତା ଜାରି ରଖିଛନ୍ତି ।

# ଆସନ୍ତା ୨୯ରୁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ




ବାରିପଦା: ବର୍ଷା ଋତୁକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ଜୁନ୍ ୨୯ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । ଅଧିକାରୀମାନେ କହିଛନ୍ତି ଯେ ସୁରକ୍ଷା ଚିନ୍ତା ଏବଂ ବର୍ଷା ସମୟରେ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି । ଏସଟିଆର ର କ୍ଷେତ୍ର ନିର୍ଦ୍ଦେଶକ ଏବଂ ବାରିପଦାର ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରକାଶ ଚାନ୍ଦ ଗୋଗିନେନୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ନୋଟିସ ଅନୁଯାୟୀ, ବର୍ଷା ଋତୁରେ ସଂରକ୍ଷଣର ମୂଳ ଅଂଚଳଗୁଡ଼ିକ ସମସ୍ତ ପର୍ଯ୍ୟଟନ କାର୍ଯ୍ୟକଳାପ ପାଇଁ ବନ୍ଦ ରହିବ । ପ୍ରବଳ ବର୍ଷା ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦୁର୍ବଳ ଜଙ୍ଗଲ ପରିସଂସ୍ଥାନକୁ ସୁରକ୍ଷା ଦେବା ପାଇଁ ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତି ନିଆଯାଇଛି । ଏହି ସମୟ ମଧ୍ୟରେ ଜାମୁଆଣି ଏବଂ ତାଳବନ୍ଧରେ ଥିବା ପରିବେଶ ପର୍ଯ୍ୟଟନ କମ୍ପ୍ଲେକ୍ସ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ବ୍ୟାଘ୍ର ଅଭୟାରଣ୍ୟର ପୁନଃ ଖୋଲିବା ତାରିଖ ସରକାରୀ ଭାବରେ ଜଣାଇ ଦିଆଯିବ ଏବଂ ସମୟକ୍ରମେ ଖବରକାଗଜରେ ପ୍ରକାଶିତ କରାଯିବ ।



# ଆଲିଗଞ୍ଜ କୋଚିଂ ସେଣ୍ଟର ଛାତ୍ରଙ୍କ ମୃତ୍ୟୁ ଘଟଣାରେ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ



ଲକ୍ଷ୍ନୌ : ଲକ୍ଷ୍ନୌର ଆଲିଗଞ୍ଜ ଅଂଚଳରେ ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଚାରି ଜଣ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ମୃତକଙ୍କ ପ୍ରତି ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ମୃତକଙ୍କ ନିକଟତମ ପରିବାର ପାଇଁ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦,୦୦୦ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବାର୍ତାରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଉତର ପ୍ରଦେଶର ଲକ୍ଷ୍ନୌରେ ଅଗ୍ନିକାଣ୍ଡ ଘଟଣାରେ ପ୍ରାଣହାନୀରେ ମୁଁ ଦୁଃଖିତ । ଶୋକସନ୍ତପ୍ତ ପରିବାର ସହିତ ମୋର ସମବେଦନା । ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି । ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ଅଧିକାରୀମାନେ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ଏହି ଦୁର୍ଘଟଣାର ପୀଡିତଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା ମଧ୍ୟ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠି (ଚଗଘଜର) ରୁ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ନିକଟତମ ପରିବାରକୁ ୨ ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ । ଆହତମାନଙ୍କୁ ୫୦,୦୦୦ ସହାୟତା ଦିଆଯିବ । ଲକ୍ଷ୍ନୌର ଏକ କୋଚିଂ ଇନଷ୍ଟିଚ୍ୟୁଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟଣାରେ ଉତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଭାବପ୍ରବଣ ହୋଇଯାଇଛନ୍ତି । ସେ କହିଛନ୍ତି, ମୁଁ ମୋ ନିଜ ଆଖିରେ ୧୪ ମୃତଦେହ ଦେଖିଛି । ଏହି ଘଟଣା ସମଗ୍ର ରାଜ୍ୟକୁ ଥରାଇ ଦେଇଛି । ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି, ଅଗ୍ନିକାଣ୍ଡ ପରେ ଅନେକ ଲୋକ କୋଠାରୁ ଖସି ପଳାଇବାରେ ସଫଳ ହୋଇଥିଲେ ମଧ୍ୟ, ଅନ୍ୟମାନେ ଏବେ ବି ଭିତରେ ଫସି ରହିଥିବା ଆଶଙ୍କା ଥିଲା । ପୋଲିସ କିମ୍ବା ଅଗ୍ନିଶମ ବିଭାଗ କେହି ଫସି ରହିଥିବା ସମ୍ପର୍କରେ କୌଣସି ସରକାରୀ ନିଶ୍ଚିତକରଣ ଜାରି କରି ନାହାଁନ୍ତି ।

# ଆଇନଜୀବୀଙ୍କ ସହାୟତା ରାଶି ୪୦% ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

## ଅବସର କିମ୍ବା ଦେହାନ୍ତ କ୍ଷେତ୍ରରେ ପରିବାରକୁ ମିଳିବ ସହାୟତା



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା । ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ସହାୟତା ପରିମାଣ ବୃଦ୍ଧି । ଅବସର ନେଇଥିବା କିମ୍ବା ଦେହାନ୍ତ ହେବା କ୍ଷେତ୍ରରେ ରାଜ୍ୟ କଲ୍ୟାଣ ପାଣ୍ଠିରୁ ପରିବାରକୁ ସହାୟତା ରାଶି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଇନଜୀବୀମାନଙ୍କ ପାଇଁ ଏହି ସହାୟତା ରାଶିର ପରିମାଣ ୪୦ ପ୍ରତିଶତ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ରାଜ୍ୟର ବିଭିନ୍ନ କୋର୍ଟରେ କାର୍ଯ୍ୟରତ ହଜାର ହଜାର ଆଇନଜୀବୀମାନେ ଉପକୃତ ହୋଇପାରିବେ । ସୂଚନାଯୋଗ୍ୟ ଯେ, ଶେଷଥର ପାଇଁ ଆଇନଜୀବୀମାନଙ୍କର ଏହି ସହାୟତା ରାଶି ୨୦୨୧ ମସିହାରେ ବୃଦ୍ଧି ପାଇଥିଲା । ଏହି ସହାୟତା ରାଶି ବୃଦ୍ଧି ଦ୍ୱାରା ୫ ବର୍ଷ ବା ଏଥିରୁ କମ୍ ସମୟ ପାଇଁ କାର୍ଯ୍ୟରତ ଆଇନଜୀବୀମାନଙ୍କୁ କେବଳ ଦେହାନ୍ତ କ୍ଷେତ୍ରରେ ପରିବାରର ନିକଟତମ ଆତ୍ମୀୟଙ୍କୁ ୧,୦୫,୦୦୦ ଟଙ୍କା ସହାୟତା ଦିଆଯିବ । ଏହାପରେ ପ୍ରତ୍ୟେକ ଅଧିକ ବର୍ଷର ଅଭିଜ୍ଞତା ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ପାଇବ । ଅବସର ଓ ଦେହାନ୍ତ କ୍ଷେତ୍ରରେ ଏହି ସହାୟତା ମିଳିବ । ୩୦ ବର୍ଷ କାର୍ଯ୍ୟରତ ଥିଲେ, ଅବସର କ୍ଷେତ୍ରରେ ସମ୍ପୃକ୍ତ ଆଇନଜୀବୀଙ୍କୁ କିମ୍ବା ଦେହାନ୍ତ କ୍ଷେତ୍ରରେ ତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କୁ ୬,୩୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ଯାହାକି ସର୍ବାଧିକ ସହାୟତା ପରିମାଣ ।

# ଏସଏଚଭିଆରରେ ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା




ଭୁବନେଶ୍ୱର : ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ ଟି ବିଦ୍ୟାଳୟକୁ ଚୟନ କରାଯାଇଛି । ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି । ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ବା ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ । ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ । ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି । ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟସ୍ତରରେ ପରିବେଶ ସୁରକ୍ଷାର ବାର୍ତା ପହଂଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ । ସୂଚନାଯୋଗ୍ୟ, ଜାତୀୟସ୍ତରରେ ୨୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରୁ ୧୯୧ ସ୍କୁଲକୁ ଏସଏଚଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ।

# ରେଳବାଇ ଅଧିନିୟମ ୧୯୮୯ ର ବିଭିନ୍ନ ଧାରାରେ ସଂଶୋଧନ

## ଟ୍ରେନ୍‌ରେ ବିନା ଟିକେଟରେ ଯାତ୍ରା କଲେ ଜରିମାନା ଦୁଇଗୁଣା



ଭୁବନେଶ୍ୱର : ଜନ ବିଶ୍ୱାସ ଅଧିନିୟମ ୨୦୨୬ରେ ବାଜିଲା ମୋହର । ଅଧିନିୟମକୁ ମଞ୍ଜୁରି ପ୍ରଦାନ କରିଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପରେ ଏହା ଭାରତର ରାଜପତ୍ରରେ ପ୍ରକାଶିତ ହୋଇଛି । ଏହି ଅଧିନିୟମ ଅନ୍ତର୍ଗତ ରେଳବାଇ ଅଧିନିୟମ, ୧୯୮୯ ର ବିଭିନ୍ନ ଧାରାରେ ସଂଶୋଧନ କରାଯାଇଛି । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ରେଳବାଇ ଅଧିନିୟମର ଧାରା ୧୩୭ ଅନ୍ତର୍ଗତ ରେଳ ପ୍ରଶାସନକୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ ବୈଧ ଟିକେଟ୍ କିମ୍ବା ପାସ୍ ନଥାଇ ଯାତ୍ରା କରିବା ବା ଯାତ୍ରା କରିବାକୁ ଚେଷ୍ଟା କରିବା କ୍ଷେତ୍ରରେ ଦେୟ ଥିବା ସର୍ବନିମ୍ନ ଅତିରିକ୍ତ ଶୁଳ୍କ (ଏକ୍ସେସ୍ ଚାର୍ଜ) ରାଶିକୁ ୨୫୦ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଜୋରିମାନା ଅନାଦେୟ କ୍ଷେତ୍ରରେ ସମ୍ପୃକ୍ତ ମାମଲାକୁ ସକ୍ଷମ ଅଦାଲତଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇପାରିବ । ଧାରା ୧୩୮ ଅନ୍ତର୍ଗତ, ଟିକେଟ୍ ନଥାଇ କିମ୍ବା ନିର୍ଦ୍ଧାରିତ ଦୂରତାଠାରୁ ଅଧିକ ଯାତ୍ରା କରିବା କ୍ଷେତ୍ରରେ ସର୍ବନିମ୍ନ ଅତିରିକ୍ତ ଶୁଳ୍କ ମଧ୍ୟ ୨୫୦ ଟଙ୍କା ବଦଳରେ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାବ୍ୟତୀତ, ଧାରା ୧୪୨ ଅନ୍ତର୍ଗତ, ହସ୍ତାନ୍ତରିତ (ଟ୍ରାନ୍ସଫର୍ଡ) ଟିକେଟ୍ରେ ଯାତ୍ରା କରୁଥିବା ବ୍ୟକ୍ତିଙ୍କଠାରୁ ରେଳଭଡ଼ା ସହିତ ସର୍ବନିମ୍ନ ୫୦୦ ଟଙ୍କାର ଅତିରିକ୍ତ ଶୁଳ୍କ ଆଦାୟ କରାଯିବ । ଧାରା ୧୪୪ ରେ, ବିନା ଅନୁମତିରେ ରେଳ ପରିସର କିମ୍ବା ଟ୍ରେନ୍ ମଧ୍ୟରେ ଫେରି କରିବା, ସାମଗ୍ରୀ ବିକ୍ରୟ କରିବା କିମ୍ବା ଭିକ୍ଷାବୃତି କରିବା ସମ୍ପର୍କିତ ଦଣ୍ଡବିଧାନ ବ୍ୟବସ୍ଥାରେ ସଂଶୋଧନ କରାଯାଇଛି । ଏଭଳି କ୍ଷେତ୍ରରେ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇପାରିବ । ବାରମ୍ବାର ନିୟମ ଉଲ୍ଲଂଘନ କଲେ କାରାଦଣ୍ଡ ସହିତ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଧାରା ୧୪୫ ଅନ୍ତର୍ଗତ, ନିଶାଗ୍ରସ୍ତ ଅବସ୍ଥାରେ ମିଳିବା, ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି କରିବା, କୌଣସି ମାଦକ ଉପଦ୍ରବ କିମ୍ବା ଅଶ୍ଳୀଳ କାର୍ଯ୍ୟ କରିବା, ଗାଳିଗୁଲଜ ବା ଅଶ୍ଳୀଳ ଭାଷା ବ୍ୟବହାର କରିବା ଏବଂ ଟ୍ରେନ୍ କିମ୍ବା ରେଳ ପରିସରରେ ରେଳବାଇ ଦ୍ୱାରା ପ୍ରଦତ ସୁବିଧା ସୁଯୋଗରେ ବାଧା ସୃଷ୍ଟି କରିବା ପାଇଁ ୧,୦୦୦ ଟଙ୍କା ଜୋରିମାନା କରାଯାଇପାରିବ । ଯଦି ଚେତାବନୀ ପରେ ମଧ୍ୟ ଉପଦ୍ରବ ଜାରି ରହେ, ତେବେ ଛଅ ମାସ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା କରାଯାଇଛି ।

# ହର୍ମୁଜ୍ ପ୍ରଣାଳୀ ପାର୍ ହେଲା ୪ଟି ସାର ବୋଝେଇ ଜାହାଜ

## ଖରିଫ୍ ୨୦୨୬ ପାଇଁ ଆସିଲା ୟୁରିଆ, ଡିଏପି ଏବଂ ସଲଫର୍ ସାର



ନୂଆଦିଲ୍ଲୀ : ଗତ ସପ୍ତାହରେ ଚାରିଟି ସାର ବୋଝେଇ ଜାହାଜ ହର୍ମୁଜ୍ ପ୍ରଣାଳୀ ପାର୍ ହୋଇ ଭାରତ ଉପକୂଳ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହା ଭାରତର ସାର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି । ପଶ୍ଚିମ ଏସିଆ ସଂଘର୍ଷ କାରଣରୁ ଉତ୍ପନ୍ନ ବିଶ୍ୱ ବାଣିଜ୍ୟିକ ଆହ୍ୱାନ ସତ୍ତ୍ୱେ ଏହି ଜାହାଜଗୁଡ଼ିକ ୟୁରିଆ, ଡିଏପି ଏବଂ ସଲଫର୍ ସାର ନେଇ ଭାରତ ଉପକୂଳରେ ଖୁବ୍ ଶୀଘ୍ର ପହଂଚିବେ । ଏସବୁ ଜାହାଜ ପାରାଦୀପ, କ୍ରିଷ୍ଣାପଟନମ, କାକିନାଡ଼ା ଏବଂ ମୁନ୍ଦ୍ରା ବନ୍ଦରରେ ପହଂଚିବାକୁ ଯାଉଛି । ଫଳରେ ଖରିଫ୍ ଋତୁ ୨୦୨୬ ପାଇଁ ସାର ଯୋଗାଣ ଶୃଙ୍ଖଳ ସୁଦୃଢ଼ ହେବ । ଭାରତରେ ବର୍ତମାନ ୧୯୬.୦୮ ଲକ୍ଷ ଟନ୍ ସାର ମହଜୁଦ ରହିଛି । ଏହା ପୂର୍ବବର୍ଷର ଷ୍ଟକ୍ ୧୬୮.୬୭ ଲକ୍ଷ ଟନ ଠାରୁ ଅଧିକ । ଦେଶରେ ବର୍ତମାନ ୮୧.୪୪ ଲକ୍ଷ ଟନ୍ ୟୁରିଆ, ୨୦.୯୨ ଲକ୍ଷ ଟନ ଡିଏପି, ୫୫,୯୧ ଲକ୍ଷ ଟନ୍ ଏନପିକେ, ୧୨.୬୮ ଲକ୍ଷ ଟନ୍ ଏମଓପି, ୨୫.୧୩ ଲକ୍ଷ ଟନ୍ ଏସଏସପି ସାର ଗଚ୍ଛିତ ରହିଛି । କୃଷି କାର୍ଯ୍ୟକଳାପ ମଧ୍ୟ ଦ୍ରୁତ ଗତିରେ ଜାରି ରହିଛି । ସଂକଟ ପରେ ମାର୍ଚ୍ଚ ୧ରୁ ଜୁନ୍ ୨୧ ତାରିଖ ମଧ୍ୟରେ ୧୫୩.୪ ଲକ୍ଷ ଟନ୍ ସାର ବିକ୍ରି ହୋଇଛି ଯାହା ଗତ ବର୍ଷ ତୁଳନାରେ ୧୩.୨ ଲକ୍ଷ ଟନ୍ ଅଧିକ । ଦେଶର ଚାଷୀଙ୍କୁ ଅସ୍ଥିର ବିଶ୍ୱ ବଜାର ଠାରୁ ସୁରକ୍ଷିତ ରଖିବା ଲାଗି ଆମଦାନୀ ବ୍ୟତୀତ ଘରୋଇ ଉତ୍ପାଦନ ପ୍ରତି ମଧ୍ୟ ସରକାର ଧ୍ୟାନ ଦେଉଛନ୍ତି । ଚଳିତ ବର୍ଷ ଦେଶରେ ୧୩୩.୧୨ ଲକ୍ଷ ମେଟ୍ରିକ ଟନ୍ ସାର ଉତ୍ପାଦନ କରାଯାଇଛି । ଭାରତ ବିଶ୍ୱ ବଜାରରୁ ୯୦ ଲକ୍ଷ ମେଟ୍ରିକ ଟନ୍ ଅତିରିକ୍ତ ୟୁରିଆ ଏବଂ ପିଏଣ୍ଡକେ ସାର ଯୋଗାଣ ସୁନିଶ୍ଚିତ କରିଛି । ୨୮ଟି ଭାରତୀୟ ବାଣିଜ୍ୟିକ ଦୂତାବାସ ଜରିଆରେ ଏକ ବ୍ୟାପକ କ୍ରୟ ରଣନୀତି ଅନ୍ତର୍ଗତ ବିଭିନ୍ନ ଅନ୍ତର୍ଜାତୀୟ ମାର୍ଗରୁ ସାର ଆମଦାନୀ ଉତ୍ସ ବିକଶିତ କରାଯାଇଛି । ଓମାନ, ମାଲେସିଆ, ଭିଏତନାମ, ଜର୍ଜିଆ, ନାଇଜେରିଆ, ରୁଷିଆ, ଫିନଲ୍ୟାଣ୍ଡ, ଇଜିପ୍ଟ, ଆଲଜେରିଆ, ତୁର୍କୀ ଏବଂ ନେଦରଲ୍ୟାଣ୍ଡରୁ ୟୁରିଆ ଆମଦାନୀ କରାଯାଇଛି । ସେହିପରି ରୁଷ, ମରକ୍କୋ, ଇଜିପ୍ଟ, ଆମେରିକା, ଜୋର୍ଡାନ, ଦକ୍ଷିଣ କୋରିଆ, ଟ୍ୟୁନିସିଆ ଏବଂ ସାଉଦି ଆରବରୁ ଡିଏପି/ଏନପିକେ ସାର ଆମଦାନୀ କରାଯାଇଛି ।

# ଜୁନ୍ ୩୦ ସୁଦ୍ଧା ଇ-କେୱାଇସି ନକଲେ ବନ୍ଦ ହୋଇଯିବ ଏଲ୍‌ପିଜି ସବସିଡି



ନୂଆଦିଲ୍ଲୀ : ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ବଡ଼ ଖବର । ଯଦି ଆପଣ କିମ୍ବା ଆପଣଙ୍କ ପରିବାରରେ କେହି ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ସଂଯୋଗ ପାଇଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ନିହାତି ଜରୁରୀ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଛି ଏକ ବଡ଼ ଗାଇଡଲାଇନ୍ । ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ଯଦି ଆପଣ ଆପଣଙ୍କର ଗ୍ୟାସ୍ କନେକ୍ସନର e-KYC ବା ଆଧାର ଅପଡେଟ୍ କରୁନାହାନ୍ତି, ତେବେ ଜୁଲାଇ ୧ ତାରିଖରୁ ଆପଣଙ୍କ ଆକାଉଂଟକୁ ଆଉ ଆସିବନି ୩୦୦ ଟଙ୍କାର ସବସିଡି । ଉଜ୍ଜ୍ୱଳା ଯୋଜନାର କୋଟି କୋଟି ଗ୍ରାହକଙ୍କ ପାଇଁ ସରକାର e-KYC ବାଧ୍ୟତାମୂଳକ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜାଲ୍ କିମ୍ବା ନିଷ୍କ୍ରିୟ ଗ୍ୟାସ୍ କନେକ୍ସନ୍‌କୁ ରୋକିବା ଏବଂ ପ୍ରକୃତ ହିତାଧିକାରୀଙ୍କ ପାଖରେ ସରକାରୀ ସହାୟତା ପହଂଚାଇବା । ଯଦି ଆପଣ ନିର୍ଦ୍ଧାରିତ ସମୟ ସୀମା ଅର୍ଥାତ୍ ଜୁନ୍ ୩୦ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ନକରୁଛନ୍ତି, ତେବେ ଆପଣଙ୍କୁ ବଜାର ଦରରେ ଗ୍ୟାସ୍ ସିଲିଣ୍ଡର କିଣିବାକୁ ପଡ଼ିବ ଏବଂ ମିଳୁଥିବା ୩୦୦ ଟଙ୍କାର ଆର୍ଥିକ ରିହାତି ବନ୍ଦ ହୋଇଯିବ । କେବଳ ସେତିକି ନୁହେଁ, ଯଦି ଆପଣ ଜୁନ୍ ୩୦ ପରେ ର-କଣଉ କରୁଛନ୍ତି, ତେବେ କେବଳ ଭବିଷ୍ୟତର ସିଲିଣ୍ଡର ଉପରେ ହିଁ ସବସିଡି ମିଳିବ । ଶେଷ ତାରିଖ ଏବଂ e-KYC କରିବା ମଧ୍ୟରେ ଆପଣ ଯେଉଁ ସିଲିଣ୍ଡର କିଣିଥିବେ, ସେଥିପାଇଁ କୌଣସି ସବସିଡି ଫେରସ୍ତ ମିଳିବ ନାହିଁ । ଯେଉଁମାନଙ୍କର ଆଧାର ଏପର୍ଯ୍ୟନ୍ତ ଗ୍ୟାସ୍ କନେକ୍ସନ୍ ସହ ଲିଙ୍କ୍ ହୋଇନାହିଁ, କିମ୍ବା ଗତ କିଛି ମାସ ହେବ ଆକାଉଂଟକୁ ସବସିଡି ଆସୁନାହିଁ, ସେମାନେ ଆଦୌ ବିଳମ୍ବ ନକରି ତୁରନ୍ତ ନିଜର e-KYC ସ୍ଥିତି ଯାଂଚ କରନ୍ତୁ । ଶେଷ ମୁହୂର୍ତର ଭିଡ଼ରୁ ବଂଚିବା ପାଇଁ ଆସନ୍ତା ଜୁନ୍ ୩୦ ପୂର୍ବରୁ ନିଜର e-KYC ପ୍ରକ୍ରିୟା ସାରିଦିଅନ୍ତୁ ଏବଂ କୌଣସି ବାଧାବିଘ୍ନ ନଥାଇ ୩୦୦ ଟଙ୍କାର ଗ୍ୟାସ୍ ସବସିଡିର ଲାଭ ଉଠାନ୍ତୁ ।

# ବିଶ୍ୱ କନିଷ୍ଠ ବନ୍ଧୁକଚାଳନା ଚାମ୍ପିଅନସିପ୍‌ରେ ପ୍ରିତମ୍‌ଙ୍କୁ ସ୍ୱର୍ଣ୍ଣ ପଦକ



ସୁଲ୍ : ଏଠାରେ ଚାଲିଥିବା ବିଶ୍ୱ କନିଷ୍ଠ ବନ୍ଧୁକଚାଳନା ଚାମ୍ପିଅନସିପ୍‌ରେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରହିଛି । ବାଳକ ୧୦ ମିଟର ଏୟାର ରାଇଫଲ୍ ବର୍ଗରେ ପ୍ରିତମ କେନ୍ଦ୍ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଫାଇନାଲ୍‌ରେ ପୁଣେର ଏହି ୧୬ ବର୍ଷୀୟ କିଶୋର ୨୫୧.୩ ପଏଂଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲେ । ରୁଷର ତିମୋଫେଇ ଆଲେନକୋଭ୍ ରୌପ୍ୟ ଓ ନରୱେର ଜେନ୍ସ ଓଏଷ୍ଟଲି କାଂସ୍ୟ ପଦକ ଜିତିଛନ୍ତି । ସେହିପରି ବାଳିକା ଦଳଗତ ୨୫ ମିଟର ଇଭେଂଟରେ ଭାରତ କାଂସ୍ୟ ପଦକ ଜିତିଛି । ଏହା ସହିତ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ ସହ ମୋଟ ୧୧ରେ ପହଂଚିଛି । ଏହି ପ୍ରତିଯୋଗିତାରେ ସାରା ବିଶ୍ୱରୁ ୮୦୦ରୁ ଅଧିକ ସୁଟର ଯୋଗ ଦେଇଛନ୍ତି । ସେଠାକୁ ଭାରତ ଏକ ୮୪ ଜଣିଆ ଦଳ ପଠାଇଛି ।

# ଟେଷ୍ଟ କ୍ରିକେଟ୍‌କୁ ଫେରିବେ ବିରାଟ କୋହଲି !



ନୂଆଦିଲ୍ଲୀ : ପ୍ରଖ୍ୟାତ ଭାରତୀୟ କ୍ରିକେଟ ତାରକା ବିରାଟ କୋହଲି ଆଘାତ ଯୋଗୁ ପଡ଼ିଆରୁ ବାଦ୍ ପଡ଼ିଛନ୍ତି । ଏଥିପାଇଁ ସେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସମ୍ପ୍ରତି ଅନୁଷ୍ଠିତ ଦିନିକିଆ ସିରିଜରୁ ଓହରି ଯାଇଥିଲେ । ତାଙ୍କୁ ଇଂଲଣ୍ଡ ବିପକ୍ଷରେ ଆଗାମୀ ଦିନିକିଆ ମ୍ୟାଚ ପାଇଁ ମନୋନୀତ କରାଯାଇଛି । ଜୁନ ୨୧ରେ କୋହଲି ତାଙ୍କ ବ୍ରାଣ୍ଡ 'ୱାନ ୮' ପାଇଁ ଗ୍ଲୋବାଲ ପ୍ରିମିୟର ଇଭେଂଟରେ ଯୋଗ ଦେଇଥିଲେ । କରିଥିଲେ । ଏହି କାର୍ଯ୍ୟକ୍ରମରେ ଟେଷ୍ଟ କ୍ରିକେଟକୁ ସମ୍ଭାବ୍ୟ ପ୍ରତ୍ୟାବର୍ତନ ବିଷୟରେ ପଚରାଯାଇଥିଲା । କୋହଲିଙ୍କ ପ୍ରତିକ୍ରିୟା ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲା । କୋହଲି ବର୍ତମାନ ଏକକ ଫର୍ମାଟ ଖେଳାଳି । ଗତ ବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି । ଏହା ପୂର୍ବରୁ ସେ ୨୦୨୪ରେ ଟି-୨୦ କ୍ରିକେଟରୁ ଦୂରେଇ ଯିବାକୁ ନିଷ୍ପତି ନେଇଥିଲେ । ସେ ତାଙ୍କ ଟେଷ୍ଟ କ୍ୟାରିୟର ୯,୨୩୦ ରନ ସହିତ ଶେଷ କରିଥିଲେ । ଉଲ୍ଲେଖନୀୟ ଯେ, ସେ ସେହି ରନ ମୋଟ ସହିତ ମେଳ ଖାଉଥିବା ତାଙ୍କର ନୂତନ ଜୋତାର ମୂଲ୍ୟ ରଖିଛନ୍ତି । ଲାଲ ଜୋତାର ମୂଲ୍ୟ ବୃଦ୍ଧି କରିବା ପାଇଁ ସେ ଟେଷ୍ଟ କ୍ରିକେଟକୁ ଫେରିବେ କି ବୋଲି ପଚରାଯିବାରୁ, କୋହଲି ହସି ହସି କହିଲେ, ମୁଁ କମ ମୂଲ୍ୟରେ ଜୋତା ବିକ୍ରୟ କରିବାକୁ ପସନ୍ଦ କରିବି । ମୋର ଆଉ ଟେଷ୍ଟ କ୍ରିକେଟ ସହିତ କୌଣସି ସମ୍ପର୍କ ନାହିଁ । ଭାରତୀୟ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି । ସେଠାରେ ଦୁଇ ଦଳ ମଧ୍ୟରେ ଏକ ଦିନିକିଆ ସିରିଜ ଖେଳାଯିବ । ଏହି ସିରିଜ ପାଇଁ ବିରାଟ କୋହଲିଙ୍କୁ ମଧ୍ୟ ନାମ ଦିଆଯାଇଛି । କିନ୍ତୁ ତାଙ୍କର ଅଂଶଗ୍ରହଣ ସମ୍ପୂର୍ଣ୍ଣ ଭାବରେ ତାଙ୍କ ଫିଟନେସ ପରୀକ୍ଷାର ଫଳାଫଳ ଉପରେ ନିର୍ଭର କରିବ । କୋହଲିଙ୍କ ଫିଟନେସ ପରୀକ୍ଷା ଜୁନ ୨୨ରେ ବେଙ୍ଗାଲୁରୁର ସେଂଟର ଅଫ ଏକ୍ସଲେନ୍ସରେ ହେବାର କାର୍ଯ୍ୟକ୍ରମ ରହିଛି । ସେ ଓଡଖ ୨୦୨୬ ଫାଇନାଲ ସମୟରେ ହାମଷ୍ଟ୍ରିଙ୍ଗ ଆଘାତ ପାଇଥିଲେ । ଫଳସ୍ୱରୂପ ଦଳକୁ ଫେରିବା ପାଇଁ ତାଙ୍କୁ ଫିଟନେସ ପରୀକ୍ଷାରେ ପାସ କରିବାକୁ ପଡିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**